# ସନ୍ଥଙ୍କ ଉପରେ ଅତ୍ୟାଚାର ଓ ଷଡ଼ଯନ୍ତ୍ର



ସଙ୍କଳନକର୍ତ୍ତା : ରାଜେଶ ଶର୍ମା











ନିର୍ଦ୍ଦୋଷ ସନ୍ଥଙ୍କୁ ଗୁଳିକରି ହତ୍ୟା, ଯୌନଶୋଷଣର ମିଥ୍ୟା ଆରୋପ, ଜେଲ୍‌ରେ ଭର୍ତ୍ତିକରି ପ୍ରତାଡ଼ନା, ତାଙ୍କ ମୁହଁରେ ଗୋମାଂସ ପୂରାଇବା ଏବଂ ଗୁପ୍ତାଙ୍ଗରେ କରେଣ୍ଟ ଲଗାଇବା, ହିନ୍ଦୁ ମଠ-ମନ୍ଦିରକୁ କବ୍ଜା କରିବାର ଷଡ଼ଯନ୍ତ୍ର..., ସନାତନ ଧର୍ମକୁ ନଷ୍ଟ କରିବା ପାଇଁ କିପରି ଲାଗିଛନ୍ତି ରାଷ୍ଟ୍ର ବିରୋଧୀ ଏନ୍.ଜି.ଓ., ଇସାଇ ମିଶନାରୀ, ଭ୍ରଷ୍ଟ ରାଜନେତା, ଲାଞ୍ଚଖୋର ମିଡ଼ିଆ ଏବଂ ଶୋଷଣକାରୀ ବହୁରାଷ୍ଟ୍ରୀୟ କମ୍ପାନୀଗଣ ?

# ଯୌନଶୋଷଣର ମିଥ୍ୟା ଏବଂ ମନୋଗଢ଼ା ଆରୋପ







କୃପାଳୁଜୀ ମହାରାଜ | ସତ୍ୟସାଈଁ ବାବା | ବାବା ରାମରହୀମ | ସ୍ୱାମୀ କେଶବାନନ୍ଦ | ନାରାୟଣ ସ୍ୱାମୀ






ସନ୍ଥ ଲକ୍ଷ୍ମଣାନନ୍ଦଙ୍କ ନିର୍ମମ ହତ୍ୟା | ସନ୍ଥ ନିଗମାନନ୍ଦଙ୍କୁ ବିଷ | ଅମୃତାନନ୍ଦଜୀଙ୍କୁ ଇଲେକ୍ଟ୍ରିକ୍ ସକ୍





ସାଧ୍ୱୀ ପ୍ରଜ୍ଞାଙ୍କୁ ଦେଲେ ବିଷାକ୍ତ ଇଞ୍ଜେକ୍ସନ | ଅସୀମାନନ୍ଦଙ୍କ ମୁହଁରେ ଗୋମାଂସ ପୂରାଇଲେ | ସ୍ୱାମୀ ନିତ୍ୟାନନ୍ଦଙ୍କର ତିଆରି କଲେ ମିଥ୍ୟା ସେକ୍ସ ସିଡ଼ି





ସନ୍ଥ ଆଶାରାମଜୀ ବାପୁଙ୍କ ଉପରେ ମିଥ୍ୟା କେସ୍ ଓ ଆଶ୍ରମ ଭଙ୍ଗାରୁଜା । ବାବା ଜୟଗୁରୁଦେବଙ୍କୁ ୨୧ ମାସ ପର୍ଯ୍ୟନ୍ତ ଜେଲ୍‌ରେ ଅତ୍ୟାଚାର ।

# ମିଥ୍ୟା ଏବଂ ଭିତ୍ତିହୀନ ଆରୋପ







ସୁଧାଂଶୁଜୀ ମହାରାଜ | ଡା. ଜୟନ୍ତ ଆଠବଲେ | ମାତା ଅମୃତାନନ୍ଦମୟୀ | ଚନ୍ଦ୍ରସ୍ୱାମୀ | ସଚ୍ଚିଦାନନ୍ଦ ମହାରାଜ

# ହିନ୍ଦୁ ସନ୍ଥମାନଙ୍କ ଉପରେ ଅତ୍ୟାଚ଼ାର ଓ ଷଡ଼ଯନ୍ତ୍ର[1]

ସମ୍ପ୍ରତି କେବଳ ଏବଂ କେବଳ ହିନ୍ଦୁ ସନ୍ଥମାନଙ୍କ ବିରୁଦ୍ଧରେ କରାଯାଉଥିବା ଷଡ଼ଯନ୍ତ୍ର ଏବଂ ବିଭିନ୍ନ ମିଥ୍ୟା କେସ୍‌ରେ ସେମାନଙ୍କୁ ବଦ୍‌ନାମ କରି ଫସାଇବା ତଥା ସେମାନଙ୍କ ଉପରେ କରାଯାଉଥିବା କାର୍ଯ୍ୟାନୁଷ୍ଠାନ ଏକ ବଡ଼ ଯୋଜନା ଆଡ଼କୁ ଇସାରା କରୁଛି । ଭାଟିକାନ୍‌କୁ ନିଜ ଧର୍ମାନ୍ତରଣ ମିସନ ଜାରି ରଖିବା ପାଇଁ ଅବାଧ ମାର୍ଗ ଆବଶ୍ୟକ ପଡ଼ିଥାଏ । ଭାଟିକାନ୍ ଚର୍ଚ୍ଚ ସେହି ସମସ୍ତ ସଂସ୍ଥାମାନଙ୍କ ସହିତ ହାତ ମିଳାଏ ଓ ସହଯୋଗ କରିଚ଼ାଲେ ଯେଉଁମାନେ ତାର ଉଦ୍ଦେଶ୍ୟ ପୂର୍ତ୍ତିରେ ସହାୟକ ହୁଅନ୍ତି, ତେଣିକି ସେମାନେ ରାଷ୍ଟ୍ର ବିରୋଧୀ ଏନ୍.ଜି.ଓ., ରାଜନେତା ହୁଅନ୍ତୁ ଅଥବା ଶୋଷଣକାରୀ ବହୁରାଷ୍ଟ୍ରୀୟ କମ୍ପାନୀ ।

ଯେତେବେଳେ ହିନ୍ଦୁ ସନ୍ଥମାନଙ୍କୁ ବଦ୍‌ନାମ କରିବାକୁ ହୁଏ ଅଥବା ନ୍ୟୁଜ୍ ଚ୍ୟାନେଲ୍‌ଗୁଡ଼ିକୁ ନିଜର ଦର୍ଶକ ସଂଖ୍ୟା (ଟି.ଆର୍.ପି.) ବୃଦ୍ଧି କରିବାକୁ ଥାଏ ସେତେବେଳେ ସେଗୁଡ଼ିକର ସମ୍ବାଦ ପରିବେଷକ (ଏଙ୍କର)ମାନେ ଚିତ୍କାର କରି କରି ପର୍ଦ୍ଦା ଫଟାଇ ପକାନ୍ତି କିନ୍ତୁ ଯେତେବେଳେ ସେହି ସନ୍ଥମାନେ ନ୍ୟାୟାଳୟରୁ ନିର୍ଦ୍ଦୋଷରେ ମୁକ୍ତ ହୁଅନ୍ତି ସେତେବେଳେ ସେହି ମିଡ଼ିଆଗଣ ଏକାବେଳକେ ମୌନବ୍ରତ ଧାରଣ କରିନିଅନ୍ତି । ଆଉ ଯଦି କ୍ଷମାଯାଚ଼ନା ପ୍ରସାରଣ କରିବାକୁ ପଡ଼େ ତେବେ ତାହା ମଧ୍ୟ ଲୁଚ଼ି-ଛପି ଦେଖାନ୍ତି ।

ନିତ୍ୟାନନ୍ଦଙ୍କ ସେକ୍ସ ସି.ଡ଼ି. ଜାଲି ପ୍ରମାଣିତ ହେବା ପରେ ନ୍ୟାୟାଳୟ ମିଡ଼ିଆକୁ ତୀବ୍ର ଭର୍ତ୍ସନା କଲା, ସେମାନଙ୍କୁ କ୍ଷମାଯାଚ଼ନା ମଧ୍ୟ ପ୍ରସାରଣ କରିବାକୁ ପଡ଼ିଲା । ପଣ୍ଡିଚ଼େରୀର ଏକ ନ୍ୟାୟାଳୟ ଶଙ୍କର ରମଣଙ୍କ ହତ୍ୟାକାଣ୍ଡ କେସ୍‌ରେ କାଞ୍ଚି କାମକୋଟୀ ପୀଠର ଶଙ୍କରାଚ଼ାର୍ଯ୍ୟ ଜୟେନ୍ଦ୍ର ସରସ୍ୱତୀଙ୍କୁ ନିର୍ଦ୍ଦୋଷରେ ମୁକ୍ତ କଲା । ସନ୍ଥ ଆଶାରାମଜୀ ବାପୁଙ୍କ ଉପରେ ତାନ୍ତ୍ରିକ ବିଧିର ଆରୋପ ଲଗାଗଲା, ସର୍ବୋଚ୍ଚ ନ୍ୟାୟାଳୟ ଏହାର ଖଣ୍ଡନ କରି କ୍ଲିନ୍ ଚିଟ୍ ଦେଲା, ତଥାପି ମିଡ଼ିଆ ଏ ବିଷୟରେ ଚୁପ୍ ହୋଇଗଲା ।

**ସନ୍ଥମାନଙ୍କ ଉପରେ ଅତ୍ୟାଚ଼ାର କାହିଁକି ? :** ଆମ ଦେଶର ଏକ ବଡ଼ ଦଳର ଜନୈକ ମହିଳା ଅଛନ୍ତି ଯିଏ କି ଯେତେବେଳେ ବି କୌଣସି ବଡ଼ ସାଧୁ-ସନ୍ଥଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିବାକୁ ଥାଏ ସେତେବେଳେ ଇଲ୍ଲୁମିନାତୀର ଅଧ୍ୟକ୍ଷ ପୋପ୍‌ଙ୍କୁ ସୂଚ଼ନା ଦେବା ଓ ମାର୍ଗଦର୍ଶନ ନେବାକୁ ବିଦେଶ ଯାଆନ୍ତି । ସରକାରୀ ପରିସଂଖ୍ୟାନ ଅନୁସାରେ ଭୂମିର କ୍ଷେତ୍ରଫଳ ଦୃଷ୍ଟିରୁ ଭାରତରେ ଇସାଇ ମିଶନାରୀମାନଙ୍କର କବ୍ଜା

ସର୍ବାଧିକ । ଅନେକ ପାଦ୍ରୀ ପିଲାମାନଙ୍କର ଯୌନ ଶୋଷଣ କେସ୍‌ରେ ଧରାପଡ଼ନ୍ତି ଓ ନନ୍‌ମାନେ ଗର୍ଭବତୀ ହୋଇଯା'ନ୍ତି । ଇସାଇ ମିଶନାରୀମାନେ ଛଳ, କପଟ ଓ ଲୋଭ-ଲାଳସାରେ ସରଳ-ନିରୀହ ହିନ୍ଦୁମାନଙ୍କୁ ଧର୍ମାନ୍ତରଣ କରୁଛନ୍ତି ।

ଆଜି ଦେଶର ଦୁର୍ଦ୍ଦଶାକୁ ଦେଖି ହିନ୍ଦୁ ସନ୍ଥମାନେ ଏବେ ଧୀରେ-ଧୀରେ କଠୋର ସତ୍ୟ କହିବା ଆରମ୍ଭ କରିଛନ୍ତି ଯଦ୍ଦ୍ୱାରା ଜନତା ଜାଗ୍ରତ ହେଉଛନ୍ତି । ଏଥିପାଇଁ ସନ୍ଥମାନଙ୍କ ଉପରେ ବଜ୍ରପାତ ହେଉଛି । ଶ୍ରୀ ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ମତରେ ଭାରତର ପ୍ରସିଦ୍ଧ ସନ୍ଥମାନଙ୍କୁ ବଦ୍‌ନାମ କରିବା ପଛରେ ସୋନିଆ-କଂଗ୍ରେସର ହାତ ଅଛି ।

## ଇଲ୍ଲୁମିନାତୀ କ'ଣ ?

ଇଲ୍ଲୁମିନାତୀ ଦୁନିଆଁର ଶକ୍ତିଶାଳୀ ଲୋକମାନଙ୍କର ଏକ ଗୁପ୍ତ ସଙ୍ଗଠନ ଯାହା ସମଗ୍ର ଦୁନିଆଁକୁ ନିଜ ହାତମୁଠାରେ ରଖିବାକୁ ଚାହେଁ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି : ସମ୍ପୂର୍ଣ୍ଣ ଦୁନିଆଁରେ କୌଣସି ସୀମା ନରହି ସବୁ ଦେଶରେ ଏକପ୍ରକାର ମୁଦ୍ରା, ଏକ ସଂସ୍କୃତି, ଏକ ସଭ୍ୟତା ରହିବ ଓ ଗୋଟିଏ ଜାତିବିଶେଷର ଏକଛତ୍ର ସାମ୍ରାଜ୍ୟ ହେବ । ସମଗ୍ର ଦୁନିଆଁରେ ହିନ୍ଦୁ ହିଁ ଇଲ୍ଲୁମିନାତୀର ସବୁଠୁ ବଡ଼ ଶତ୍ରୁ ।

ଇଲ୍ଲୁମିନାତୀ ଏକ ପୈଶାଚିକ ସଂସ୍ଥା, ଯାହା ବିଷାଣୁ (ଭାଏରସ୍) ମାଧ୍ୟମରେ ଲୋକମାନଙ୍କର ସାମୂହିକ ସଂହାର କରିବା ଉଦ୍ଦେଶ୍ୟରେ ଯୋଜନା କରୁଛି । ଯେଉଁ ବିଷାଣୁମାନଙ୍କ ଦ୍ୱାରା ଇଲ୍ଲୁମିନାତୀ ସଙ୍ଗଠନ ଏପର୍ଯ୍ୟନ୍ତ କାର୍ଯ୍ୟ କରୁଛି ସେମାନଙ୍କଠାରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହେଉଛି ଯଜ୍ଞ । ଯାହା ହାନିକାରକ କିରଣ, ଗ୍ୟାସ୍ ଓ ଜୈବିକ ଯୁଦ୍ଧରୁ ରକ୍ଷା କରିବ । ବର୍ତ୍ତମାନ ଇଲ୍ଲୁମିନାତୀର ସବୁଠାରୁ ମୁଖ୍ୟ କାର୍ଯ୍ୟ ହେଉଛି ସନାତନ ଧର୍ମକୁ ସମାପ୍ତ କରିବା । ଅନ୍ୟ ଦେଶମାନଙ୍କରେ ଅନେକ ବର୍ଷରୁ ନରସଂହାର ଜାରି ରହିଛି । ବିଷାଣୁମାନଙ୍କ ଦ୍ୱାରା ମାନବକୁ ଅର୍ଦ୍ଧମୃତ କରିବା ଇଲ୍ଲୁମିନାତୀର ସବୁଠାରୁ ବଡ଼ ଯୋଜନା ଯାହାକୁ ଯେ କିଛି ବର୍ଷ ମଧ୍ୟରେ କେତେକ ସ୍ଥାନରେ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ।

**ଉତ୍ତରାଖଣ୍ଡ ବିଧ୍ୱଂସ : ଏକ କଂଗ୍ରେସୀୟ ଷଡ଼ଯନ୍ତ୍ର** (ଦୈନିକ ଜାଗରଣ, ଡେରାଡୁନ)

ଉତ୍ତରାଖଣ୍ଡ ବିଧ୍ୱଂସ ଏକ କଂଗ୍ରେସୀୟ ଷଡ଼ଯନ୍ତ୍ର ଥିଲା ଯେଉଁଥିରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କଲେ ଏବଂ ମନ୍ଦିରମାନଙ୍କ ସମେତ ସହରଗୁଡ଼ିକ ମଧ୍ୟ ଧ୍ୱଂସ ହୋଇଗଲା । ବାଦଲ ଫାଟିବାର ଗୁଜବ ପ୍ରଚାର କରାଗଲା ଯେବେକି ଗାନ୍ଧୀ ସରୋବରର ବରଫ ଚଟାଣ ବିସ୍ଫୋରଣ ଦ୍ୱାରା ଭଙ୍ଗାଯାଇଥିଲା ।

୨୦୦୮ ଅଗଷ୍ଟ ୩ ତାରିଖରେ ହିମାଚ଼ଳ ପ୍ରଦେଶର ନୈନାଦେବୀ ମନ୍ଦିରରେ ଷଡ଼ଯନ୍ତ୍ରକାରୀମାନେ ପାହାଡ଼ରୁ ପଥର ଖସିବାର ଗୁଜବ ପ୍ରଚ଼ାର କରିବାରୁ ଦଳାଚ଼କଟାରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ମୃତ୍ୟୁବରଣ କଲେ ।

୨୦୧୧ ନଭେମ୍ବରରେ ଆଚ଼ାର୍ଯ୍ୟ ଶ୍ରୀରାମ ଶର୍ମାଙ୍କ ଜନ୍ମ ଶତାବ୍ଦୀ ଅବସରରେ ଷଡ଼ଯନ୍ତ୍ରପୂର୍ବକ ସୃଷ୍ଟି କରାଯାଇଥିବା ଦଳାଚ଼କଟା ୨୨ଜଣଙ୍କ ମୃତ୍ୟୁ ହୋଇଗଲା ।

## ସନ୍ଥମାନଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର– କ୍ରମାଗତ ଅତ୍ୟାଚ଼ାର

### (୧) ନିର୍ଦ୍ଦୋଷ ଶଙ୍କରାଚ଼ାର୍ଯ୍ୟଙ୍କ ଉପରେ ଲଗାଗଲା ମିଥ୍ୟା ହତ୍ୟା ଆରୋପ



କାଞ୍ଚୀ କାମକୋଟୀ ପୀଠ ଅନେକ ଧାର୍ମିକ ସଂସ୍ଥାନ, ଶିକ୍ଷା ସଂସ୍ଥାନ, ଚିକିତ୍ସାଳୟ, ବୃଦ୍ଧ ଲୋକମାନଙ୍କ ପାଇଁ ଗୃହ ଏବଂ ଏକ ବିଶ୍ୱବିଦ୍ୟାଳୟ ମଧ୍ୟ ପରିଚ଼ାଳନା କରେ । ତାମିଲନାଡୁର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ନିର୍ଲଜ୍ଜ ସରକାର ୨୦୦୪ ଦୀପାବଳି ରାତ୍ରିରେ ନିର୍ଦ୍ଦୋଷ ଶଙ୍କରାଚ଼ାର୍ଯ୍ୟ ଜୟେନ୍ଦ୍ର ସରସ୍ୱତୀଙ୍କୁ ଗିରଫ କରି ପ୍ରତାଡ଼ିତ କଲା । ତାଙ୍କୁ ଜଣେ ଅପରାଧୀଙ୍କ ଭଳି ପୋଲିସ୍ ଷ୍ଟେସନ୍ ନିଆଗଲା । କେସ୍‌ର ଟ୍ରାଏଲ୍ ପ୍ରାୟଃ ୯ ବର୍ଷ ପର୍ଯ୍ୟନ୍ତ ଚାଲିଲା । ପଣ୍ଡିଚ଼େରୀର ଏକ ନ୍ୟାୟାଳୟ ଶଙ୍କର ରମଣଙ୍କ ହତ୍ୟାକାଣ୍ଡ କେସ୍‌ରେ କାଞ୍ଚୀ କାମକୋଟି ପୀଠର ଶଙ୍କରାଚ଼ାର୍ଯ୍ୟଙ୍କ ସମେତ ମୋଟ୍ ୨୩ ଜଣ ଆରୋପୀଙ୍କୁ ୨୦୧୩ ନଭେମ୍ବରରେ ମୁକ୍ତ କରିଦେଲା । ଲାଞ୍ଚଖୋର୍ ମିଡ଼ିଆ ମିଥ୍ୟା କୁପ୍ରଚ଼ାର କରିଥିଲା ଯେ ଶଙ୍କରାଚ଼ାର୍ଯ୍ୟ ଅପରାଧ ସ୍ୱୀକାର କରିନେଲେ ଯେତେବେଳେ କି ପୋଲିସ୍ ଏପରି କୌଣସି ପ୍ରମାଣ ଦେଇପାରି ନଥିଲା । ରାଜନୈତିକ ଷଡ଼ଯନ୍ତ୍ର ତ ଅସଫଳ ହୋଇଗଲା କିନ୍ତୁ ଶଙ୍କରାଚ଼ାର୍ଯ୍ୟଙ୍କୁ ୨ ମାସ ପର୍ଯ୍ୟନ୍ତ ଜେଲ୍‌ରେ ରଖାଗଲା ଓ ନିରନ୍ତର ୯ ବର୍ଷ ପର୍ଯ୍ୟନ୍ତ ତାଙ୍କ ମାନ–ସମ୍ମାନରେ ଯେଉଁ କ୍ଷତି କରାଗଲା ତାର ପୂର୍ତ୍ତି କିଏ କରିବ ?

### (୨) ସାଧ୍ୱୀ ପ୍ରଜ୍ଞାଙ୍କୁ ଦିଆଗଲା ଅମାନବୀୟ ପ୍ରତାଡ଼ନା



ହିନ୍ଦୁ ଧର୍ମଧ୍ୱଜାକୁ ଲହରାଉଥିବା ସାଧ୍ୱୀ ପ୍ରଜ୍ଞାସିଂହ ଠାକୁରଙ୍କୁ ୨୦୦୮ରେ ହାଇଦ୍ରାବାଦ ତଥା ମାଲେଗାଁଓ୍ୱ ମସ୍‌ଜିଦରେ ବମ୍ ବିସ୍ଫୋରଣର ମିଥ୍ୟା ଆରୋପ ଲଗାଇ ଜେଲ୍‌ରେ ଭର୍ତ୍ତି କରିଦେଲେ । ୨୦୦୮ ଅଗଷ୍ଟ ୬ ତାରିଖରେ ପୋଲିସ୍ ତାଙ୍କୁ ଧର୍ମ ଭ୍ରଷ୍ଟ କରିବାକୁ ପ୍ରୟାସ କଲା । ଅମାନୁଷିକ

ଅକଥନୀୟ ଅତ୍ୟାଚ଼ାର କରି ବିଷାକ୍ତ ଇଞ୍ଜେକ୍ସନ ଆଦି ଦେଇ ପକ୍ଷାଘାତ ରୋଗୀ କରିଦେଲା । କାହିଁକି ? କେବଳ ଏଥିପାଇଁ ଯେ ସେ ଧର୍ମାନ୍ତରଣ କାର୍ଯ୍ୟରେ ପ୍ରତିବନ୍ଧକ ହେଉଥିଲେ । ବିଗତ ୬ ବର୍ଷରୁ ନିରନ୍ତର ତାଙ୍କ ସ୍ୱାସ୍ଥ୍ୟ ହାନି ହେବାକୁ ଲାଗିଲା ଓ ତାଙ୍କର ପୀଡ଼ା ବୃଦ୍ଧିହୋଇଚ଼ାଲିଲା ଏବଂ ଏବେ ସେ ପାଦରେ ଚାଲିବାକୁ ମଧ୍ୟ ସକ୍ଷମ ନୁହନ୍ତି । କେନ୍ଦ୍ର ସରକାରର ହଠଧର୍ମିତା କାରଣରୁ ପୋଲିସ୍ ତାଙ୍କର କୌଣସି କଥା ଶୁଣିଲା ନାହିଁ । ଓଲଟା ଗେରୁଆ ଆତଙ୍କବାଦୀର ତର୍କ ଦେଇ ତାଙ୍କୁ ଜେଲ୍‌ରୁ ବାହାରକୁ ଆସିବାକୁ ଦିଆଗଲା ନାହିଁ ।

ବହୁଚର୍ଚ୍ଚିତ ସୁନୀଲ ଜୋଶୀଙ୍କ ହତ୍ୟା କେସ୍‌ରେ ୬ ବର୍ଷ ପରେ ରାଷ୍ଟ୍ରୀୟ ଯାଞ୍ଚ୍ ଏଜେନ୍ସି (ଏନ୍‌ଆଇଏ) ସ୍ୱୀକାର କଲା ଯେ ପୋଲିସ୍ ଏହି ମାମଲାରେ ସାଧ୍ୱୀ ପ୍ରଜ୍ଞାଙ୍କ ସହିତ ଅନ୍ୟ ଆରୋପୀମାନଙ୍କୁ ଗିରଫ କରି ଭୁଲ୍ କରିଥିଲା । ବର୍ତ୍ତମାନ ତାଙ୍କ ଲଗାଯାଇଥିବା ଆରୋପ ଭିତ୍ତିହୀନ କହି 'ମକୋକା' ହଟାଇବାକୁ କୋର୍ଟ ଆଦେଶ ଦେଇଛି ।

## (୩) ସ୍ୱାମୀ ନିତ୍ୟାନନ୍ଦଙ୍କର ପ୍ରସ୍ତୁତ କରାଯାଇଥିଲା ନକଲି ସେକ୍ସ ସି.ଡ଼ି.



ସ୍ୱାମୀ ନିତ୍ୟାନନ୍ଦ କର୍ଣ୍ଣାଟକରେ ସନାତନ ଧର୍ମର ଅଲଖ ଜଗାଉଥିବା ତଥା ଚର୍ଚ୍ଚର ଧର୍ମାନ୍ତରଣର ବର୍ଦ୍ଧିତ ପଦକ୍ଷେପକୁ ଅବରୋଧ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ସମ୍ପାଦନ କରିଆସିଛନ୍ତି । ଜଣେ ଅଭିନେତ୍ରୀ ସହିତ ତାଙ୍କର ଅନ୍ତରଙ୍ଗ ଦୃଶ୍ୟର ଜାଲି ଭିଡ଼ିଓ ପ୍ରସାରିତ କରାଗଲା । ତତ୍କାଳ ଲାଞ୍ଚଖୋର୍ ମିଡ଼ିଆ ଅତିରଞ୍ଜିତ କରି ନିତ୍ୟାନନ୍ଦ ସରସ୍ୱତୀଙ୍କ ବିରୁଦ୍ଧରେ ଏକ ସୁନିୟୋଜିତ ଅଭିଯାନ ଚଲାଇବାକୁ ଲାଗିଲା । ସନ ୨୦୧୦ରେ ନିତ୍ୟାନନ୍ଦ ଏହି କେସ୍‌ରେ ୫୨ ଦିନ ପର୍ଯ୍ୟନ୍ତ ଜେଲ୍‌ରେ ରହିଲେ ।

ମିଡ଼ିଆ ଟ୍ରାଏଲ୍ କରି କରି ଏହି କେସ୍‌ରେ ହିନ୍ଦୁ ଧର୍ମ ଓ ଗେରୁଆ ବସ୍ତ୍ର ଇତ୍ୟାଦିକୁ ମଧ୍ୟ ଖୁବ୍ ଭର୍ତ୍ସନା କରାଗଲା । କେସ୍‌ର ତଦନ୍ତ ଆଗେଇବାରୁ ଜଣାପଡ଼ିଲା ଯେ ପୋଲିସ୍ ଏବଂ ଚ୍ୟାନେଲ୍‌ମାନଙ୍କୁ ନିତ୍ୟାନନ୍ଦଙ୍କ ସି.ଡ଼ି. ଦେଇ ଆରୋପ ଲଗାଇବା ବ୍ୟକ୍ତି 'କୁରୁପ୍ପନ ଲେନିନ୍' ଜଣେ ଧର୍ମ–ପରିବର୍ତ୍ତିତ ଈସାଇ । ଏହି ବ୍ୟକ୍ତି ପୂର୍ବରୁ ଏକ ଚଳଚ୍ଚିତ୍ର ଷ୍ଟୁଡ଼ିଓରେ କାମ କରିଥିଲା ତଥା ଭିଡ଼ିଓ ମାର୍ଫିଙ୍ଗ୍‌ରେ କୁଶଳ ଥିଲା । ଯାଞ୍ଚ୍‌ରେ ଜଣାପଡ଼ିଲା ଯେ ସେହି ଭିଡ଼ିଓ ନକଲି ଓ ମନଗଢ଼ା ।

ଭିଡ଼ିଓରେ ଥିବା ବ୍ୟକ୍ତି ନିତ୍ୟାନନ୍ଦ ନଥିଲେ । ନ୍ୟାୟାଳୟ ଷ୍ଟାର ଟି.ଭି. ଓ

ଏହାର ଉପ ଚ୍ୟାନେଲ୍ (ଷ୍ଟାର ବିଜୟ) ତଥା ଆଜ୍‌ତକ୍‌କୁ ନିଜ ଚ୍ୟାନେଲ୍‌ରେ ପ୍ରତି ଘଣ୍ଟାରେ ଥରେ କ୍ଷମାଯାଚନା ପ୍ରସାରଣ କରିବାକୁ ଆଦେଶ ଦେଲା । ଜାଲି ସେକ୍ସ ସି.ଡ଼ି. ପ୍ରସ୍ତୁତକାରୀ ଲେନିନ୍‌କୁ ଗିରଫ କରାଗଲା ।

ସ୍ୱାମୀ ନିତ୍ୟାନନ୍ଦଙ୍କ ସହିତ କଥିତ ଅଶ୍ଳୀଳ ଆଚରଣଯୁକ୍ତ ଜାଲି ଭିଡ଼ିଓର ଶୀର୍ଷକରେ ଥିବା ତାମିଲ ଅଭିନେତ୍ରୀ ରଞ୍ଜିତା ନିଜ ସହିତ ଯୌନ-ସମ୍ବନ୍ଧ ହେବା ଅସ୍ୱୀକାର କଲେ ତଥା ଟି.ଭି. ଚ୍ୟାନେଲ୍‌ମାନଙ୍କରେ ପ୍ରସାରିତ ଫୁଟେଜ୍‌କୁ ଜାଲି କହିଲେ । ଅଭିନେତ୍ରୀ ରଞ୍ଜିତା ଏହାର ରହସ୍ୟ ଉଦ୍‌ଘାଟନ କରି କହିଲେ : ଏହି ଷଡ଼ଯନ୍ତ୍ର ପଛରେ ଖ୍ରୀଷ୍ଟିୟାନ ମିଶନାରୀଙ୍କ ହାତ ରହିଛି ।

## (୪) ଯୋଗାଚାର୍ଯ୍ୟ ରାମଦେବଙ୍କୁ ମାରିଦେବାର ଷଡ଼ଯନ୍ତ୍ର

ପୂର୍ବରୁ ୨୦୦୫ରେ ବାବା ରାମଦେବଙ୍କ ଉପରେ ଆୟୁର୍ବେଦିକ୍ ଔଷଧିରେ ଜିଆ ତଥା ମନୁଷ୍ୟ ଖପୁରୀର ଚୂର୍ଣ୍ଣ ମିଶାଇବାର ମିଥ୍ୟା ଆରୋପ ଲଗାଗଲା । ତା'ପରେ ଯେତେବେଳେ ବାବା ରାମଦେବ ଏ ଦେଶର ଗାନ୍ଧୀ ପରିବାର ଓ କଂଗ୍ରେସ ଉପରେ ଆଙ୍ଗୁଳି ଉଠାଇବା ଆରମ୍ଭ କଲେ ସେହିଦିନଠାରୁ ସଭାର ସଂକୀର୍ଣ୍ଣ ଗଳିରେ ବସିଥିବା ଅଜଗରମାନେ ହଠାତ୍ ଚେଇଁ ଉଠିଲେ । କଳାଧନକୁ ଫେରାଇ ଆଣିବାର ଦାବି ଏହି ଅଜଗରମାନଙ୍କୁ ଏତେ ଅସହ୍ୟ ହୋଇଗଲା ଯେ ସେମାନେ ବାବା ରାମଦେବଙ୍କ ପଛରେ ଦେଶର ସି.ବି.ଆଇ ଲଗାଇଦେଲେ । ପୂର୍ବରୁ ବଡ଼ ବଡ଼ ବହୁରାଷ୍ଟ୍ରୀୟ କମ୍ପାନୀମାନେ ମଧ୍ୟ ବାବା ରାମଦେବଙ୍କ ଉପରେ ଦ୍ୱେଷରେ ଜଳୁଥିଲେ ।



୨୦୧୧ ଜୁନ୍ ୪ ତାରିଖ ଅର୍ଦ୍ଧରାତ୍ରରେ ଦିଲ୍ଲୀର ରାମଲୀଳା ମୈଦାନରେ ଶୋଇଥିବା ହଜାର ହଜାର ସତ୍ୟାଗ୍ରହୀଙ୍କ ଉପରେ ସୋନିଆର ପୋଲିସ୍ ଆକ୍ରମଣ କରିଦେଲା । ପୋଲିସ୍ ସେମାନଙ୍କ ଉପରେ ଲାଠିମାଡ଼ ସହିତ ଲୁହବୁହା ଗ୍ୟାସ୍ ସହିତ ଝାମ୍ପି ପଡ଼ିଲା । ବାବା ରାମଦେବଙ୍କୁ ପ୍ରତାଡ଼ିତ କରାଗଲା । ବାବା ରାମଦେବଙ୍କ ମତ ଯେ ରାମଲୀଳା ମୈଦାନରେ ସୋନିଆ ତାଙ୍କର ହତ୍ୟା କରାଇବାକୁ ଚାହୁଁଥିଲା । ମିଡ଼ିଆ ଦ୍ୱାରା ବାବା ରାମଦେବଙ୍କୁ ପ୍ରତାରକ, ଚୋର, ପଳାୟନବାଦୀ ଇତ୍ୟାଦି ଉପମା ଦିଆଗଲା । ବାବା ରାମଦେବଙ୍କ ଉପରେ ତାଙ୍କ ଗୁରୁଙ୍କ ହତ୍ୟାର ମିଥ୍ୟା ଆରୋପ ମଧ୍ୟ ଲଗାଯାଉଛି ।

ବାବା ରାମଦେବଙ୍କ ପ୍ରମୁଖ ସହଯୋଗୀ ଆୟୁର୍ବେଦାଚାର୍ଯ୍ୟ ବାଳକୃଷ୍ଣଙ୍କୁ

ପାସପୋର୍ଟ୍‌ର ସାଧାରଣ କେସ୍‌ରେ ଜେଲ୍‌ରେ ଭର୍ତ୍ତି କରିଦିଆଯାଇଥିଲା ।

## (୫) ସ୍ୱାମୀ ଶ୍ୟାମାନନ୍ଦଙ୍କୁ ପିଆଗଲା ନିଶାଯୁକ୍ତ ପଦାର୍ଥ

ରାଜସ୍ଥାନର ସ୍ୱାମୀ ଶ୍ୟାମାନନ୍ଦଙ୍କ ଆଶ୍ରମ ଜମି ହଡ଼ପ କରିବା ପାଇଁ ତାଙ୍କୁ ପେୟ ପଦାର୍ଥରେ ନିଶା ଔଷଧ ମିଶାଇ ପିଆଗଲା । ତାପରେ କିଣା ଯାଇଥିବା ଝିଅ ସହିତ ନିଶା ଅବସ୍ଥାରେ ଅଶ୍ଳୀଳ ଚଳଚ୍ଚିତ୍ର ପ୍ରସ୍ତୁତ କରି ବଦ୍‌ନାମ କରାଗଲା । ଭକ୍ତମାନେ ସେହି ମହିଳାର ଠିକଣା ପାଇଁ ତାଠାରୁ ସତ୍ୟ ବାହାର କରାଇଲେ ଯଦ୍ୱାରା ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ ହୋଇଗଲା ।



## (୬) ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନିର୍ମମ ହତ୍ୟା

ଓଡ଼ିଶାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ନିଜର ସମ୍ପୂର୍ଣ୍ଣ ଜୀବନ ବନବାସୀମାନଙ୍କର ଉତ୍ଥାନରେ ଉତ୍ସର୍ଗ କରିଥିଲେ । ତାଙ୍କ ପ୍ରୟାସରେ ଚର୍ଚ୍ଚର ଷଡ଼ଯନ୍ତ୍ର ଉଜାଗର ହେଉଥିଲା । ଈସାଇ ମିଶନାରୀମାନଙ୍କ ଦ୍ୱାରା ହେଉଥିବା ଧର୍ମ ପରିବର୍ତ୍ତନ ବିରୋଧରେ କାର୍ଯ୍ୟରତ ୮୫ ବର୍ଷୀୟ ସନ୍ଥଙ୍କ ଉପରେ ୨୦୦୮ ଅଗଷ୍ଟ ୨୪ ତାରିଖରେ ଗୁଳିବର୍ଷା କରି ତାଙ୍କ ବକ୍ଷକୁ ଚାଲୁଣୀ କରିଦେଲେ ଏବଂ କୁରାଢ଼ୀରେ ତାଙ୍କ ଶରୀରକୁ ହାଣି ପକାଇଲେ । ସ୍ୱାମୀଜୀ ତଥା ତାଙ୍କ ସାଥୀମାନଙ୍କର ହତ୍ୟା ପରେ ଯେଉଁ ଦୁଇଜଣଙ୍କୁ ଗ୍ରାମୀବାସୀମାନେ ରକ୍ତରେ ଜୁଡୁବୁଡୁ ଅସ୍ତ୍ର ଓ ମୁଖା ସହିତ ଧରି ପୋଲିସ୍‌କୁ ଅର୍ପଣ କଲେ, ପୋଲିସ୍ ସେ ଦୁହିଙ୍କୁ ବିନା ପଚ଼ରାଉଚ଼ରାରେ ଛାଡ଼ିଦେଲା । ଅଭିଯୁକ୍ତମାନଙ୍କର ପରିଚ଼ୟ ପ୍ୟାରେଡ଼ ମଧ୍ୟ କରାଗଲା ନାହିଁ । ଏହା ବ୍ୟତୀତ ଭାଟିକାନ୍ ଚର୍ଚ୍ଚରେ ସ୍ୱାମୀଜୀଙ୍କ ହତ୍ୟା ପାଇଁ ଅନୁମୋଦିତ ପ୍ରସ୍ତାବଯୁକ୍ତ ରେଜିଷ୍ଟରର ନକଲ ମଧ୍ୟ ପୋଲିସ୍‌କୁ ଅର୍ପଣ କରାଗଲା । ସରକାର ତା’ ଉପରେ ମଧ୍ୟ ଯାଞ୍ଚ୍ କରୁ ନାହିଁ । ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ନିଜର ହତ୍ୟା ପୂର୍ବରୁ ଅନେକ ଥର ତାଙ୍କୁ ମିଳିଥିବା ଧମକ ବିଷୟରେ ପ୍ରଶାସନକୁ ଜଣାଇଥିଲେ କିନ୍ତୁ ସରକାର କୌଣସି ଧ୍ୟାନ ଦେଇ ନଥିଲା ।

## (୭) ନିର୍ଦ୍ଦୋଷ ଚନ୍ଦ୍ରସ୍ୱାମୀଙ୍କୁ ଜେଲ୍‌ରେ ଭର୍ତ୍ତିକଲେ

‘ଫେରା’ ଆଇନ ଉଲ୍ଲଙ୍ଘନ ପ୍ରସଙ୍ଗରେ ଚନ୍ଦ୍ରସ୍ୱାମୀଙ୍କୁ ପଟିୟାଲା ହାଉସ୍ ନ୍ୟାୟାଳୟ ମୁକ୍ତ କରିଥିଲା । ଏହି କେସ୍ ଲଣ୍ଡନରେ ବିଚ଼ାରାଧୀନ ଅନ୍ୟ ଏକ କେସ୍‌ରେ ଓକିଲଙ୍କୁ ପ୍ରାୟଃ ୧୪ ହଜାର ପାଉଣ୍ଡ୍ ଫିସ୍ ଦେବା ସହିତ ସମ୍ବନ୍ଧିତ ଥିଲା । ଚନ୍ଦ୍ରସ୍ୱାମୀଙ୍କୁ ୯ ମାସ ପର୍ଯ୍ୟନ୍ତ ଜେଲ୍‌ରେ ରହିବାକୁ ପଡ଼ିଲା ଏବଂ ପୋଲିସ୍

ତାଙ୍କୁ ଭୟଙ୍କର ଯାତନା ଦେଇଥିଲା । ନ୍ୟାୟାଳୟ ନିଜ ଶୁଣାଣିରେ କହିଲା ଯେ ଏହା ପ୍ରମାଣିତ ହୋଇପାରିଲା ନାହିଁ ଯେ ଚନ୍ଦ୍ରସ୍ୱାମୀ ହିଁ ନିଜ ଓକିଲକୁ ୧୪ ହଜାର ପାଉଣ୍ଡ ରାଶି ଦେଇଥିଲେ । ଏପରି ସ୍ଥିତିରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ଏବଂ ତାଙ୍କୁ ଏହି କେସ୍‌ରୁ ଦୋଷମୁକ୍ତ କରିଦିଆଗଲା ।

## (୮) ସ୍ୱାମୀ ଅସୀମାନନ୍ଦଙ୍କୁ ଦେଲେ ଭୟଙ୍କର ଯାତନା



ଦକ୍ଷିଣ ଗୁଜରାଟର ଡାଙ୍ଗ ଜିଲ୍ଲାର ବନବାସୀ ଅଞ୍ଚଳରେ ସେବା କାର୍ଯ୍ୟ କରୁଥିବା ସ୍ୱାମୀ ଅସୀମାନନ୍ଦ ଭାରତ ସରକାରଙ୍କ ଲକ୍ଷ୍ୟର କେନ୍ଦ୍ରରେ ଥିଲେ । ଚର୍ଚ୍ଚ ଯେକୌଣସି ସ୍ଥିତିରେ ତାଙ୍କୁ ଡାଙ୍ଗରୁ ହଟାଇବାକୁ ଚାହୁଁଥିଲା କାରଣ ଏହି ବନବାସୀ ବହୁଳ ଅଞ୍ଚଳରେ ଚର୍ଚ୍ଚ ଦ୍ୱାରା ପରିଚାଳିତ ଅରାଷ୍ଟ୍ରୀୟ ଓ ଅସାମାଜିକ ଗତିବିଧିଗୁଡ଼ିକୁ ସ୍ୱାମୀଜୀ ବିରୋଧ କରୁଥିଲେ । ତାଙ୍କୁ ମିଥ୍ୟା ଆତଙ୍କବାଦ କେସ୍‌ରେ ଫସାଗଲା ।

ସମଝୌତା ବିସ୍ଫୋରଣ ମାମଲାରେ ସ୍ୱାମୀ ଅସୀମାନନ୍ଦ କହିଥିଲେ : 'ଏହା ମୋତେ ଫସାଇବାର ଷଡ଼ଯନ୍ତ୍ର । ପୋଲିସ୍ ମୋତେ ପ୍ରତାଡ଼ିତ କରୁଛି ଓ ମିଥ୍ୟା ବୟାନ ଦେବା ପାଇଁ ମୋ ଉପରେ ଚାପ ପକାଉଛି ।'

ପୋଲିସ୍ ତାଙ୍କୁ ଅକଥନୀୟ ନିର୍ଯାତନା ଦେଲା ତଥା ଧର୍ମ ଭ୍ରଷ୍ଟ କଲା । ତାଙ୍କ ଗୁପ୍ତାଙ୍ଗରେ ବିଦ୍ୟୁତ୍ କରେଣ୍ଟ ଲଗାଗଲା ତଥା ମୁହଁରେ ଗୌ-ମାଂସ ଭର୍ତ୍ତି କରାଗଲା । ସେ ନ୍ୟାୟାଳୟରେ ନିର୍ଭୀକ ହୋଇ କହିଲେ ଯେ ଯାଞ୍ଚ୍ ଏଜେନ୍ସିମାନେ ଧମକ ଓ ଯାତନା ଦ୍ୱାରା ମୋତେ ମିଥ୍ୟା କୁହାଉଛନ୍ତି, ତେଣୁ ସେମାନେ ରେକର୍ଡ କରିଥିବା ମୋର କୌଣସିଟି ବୟାନ୍ ସତ୍ୟ ନୁହେଁ ।

ସରକାର ଅସୀମାନନ୍ଦଙ୍କ ଉପରେ ବହୁତ ଚାପ ପକାଇଲା ଯେ ସରକାରୀ ସାକ୍ଷୀ ହୁଅନ୍ତୁ ଓ ସେ ସରକାରଙ୍କ ରଣନୀତି ଅନୁସାରେ ଭାରତର ରାଷ୍ଟ୍ରବାଦୀ ଶକ୍ତିମାନଙ୍କୁ ଆତଙ୍କବାଦ ସହ ଜଡ଼ିତ କରିବାକୁ ମୁଖ୍ୟ ଅଂଶୀଦାର ହୁଅନ୍ତୁ ।

## (୯) ସ୍ୱାମୀ ଶାନ୍ତିକାଳୀ ମହାରାଜଙ୍କୁ ଗୁଳିକରି ହତ୍ୟା କରାଗଲା

ସ୍ୱାମୀ ଶାନ୍ତିକାଳୀ ମହାରାଜ ଅନେକ ବର୍ଷରୁ ତ୍ରିପୁରାର ପାହାଡ଼ିଆ ଅଞ୍ଚଳରେ ଜନଜାତୀୟ ସମାଜରେ ଶିକ୍ଷା ଓ ସଂସ୍କୃତିର ପ୍ରଚାର-ପ୍ରସାର କରୁଥିଲେ । ସେ ଈସାଇ ମିଶନାରୀଙ୍କ ଧର୍ମାନ୍ତରଣର ଗତିବିଧିରେ ପ୍ରତିବନ୍ଧକ ହେଉଥିଲେ । 'ନେସନାଲ୍ ଲିବରେସନ୍ ଫ୍ରଣ୍ଟ୍ ଅଫ୍ ତ୍ରିପୁରା' ନାମକ ଈସାଇ ସଙ୍ଗଠନ ତାଙ୍କ

ଆଶ୍ରମରେ ପଶି ଗୁଳିମାରି ତାଙ୍କୁ ହତ୍ୟା କରିଦେଲା । ହତ୍ୟା ପୂର୍ବରୁ ଚର୍ଚ୍ଚର ଆତଙ୍କବାଦୀମାନେ ତାଙ୍କୁ ହିନ୍ଦୁ ଧର୍ମ ତ୍ୟାଗ କରି ଇସାଇ ହେବାକୁ କହିଥିଲେ କିନ୍ତୁ ସ୍ୱାମୀଜୀ ଇସାଇ ହେବାକୁ ମନାକରିଥିଲେ ।

## (୧୦) କୃପାଳୁଜୀ ମହାରାଜଙ୍କ ଉପରେ ଲଗାଗଲା ମିଥ୍ୟା ବଳାତ୍କାର ଆରୋପ



ଉତ୍ତର ପ୍ରଦେଶର କୃପାଳଜୀ ମହାରାଜ ଜଣେ ସୁପ୍ରସିଦ୍ଧ ହିନ୍ଦୁ ଆଧ୍ୟାତ୍ମିକ ପ୍ରବଚକ ଥିଲେ । ସେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ସେବାରେ ଇତିହାସ ସୃଷ୍ଟି କରିଛନ୍ତି । ୮୫ ବର୍ଷ ବୟସରେ ତାଙ୍କ ଉପରେ ୨୦୦୭ରେ ତ୍ରିନିଦାଦର ଜଣେ ୨୨ ବର୍ଷୀୟା ଯୁବତୀ ସହିତ ବଳାତ୍କାରର ଆରୋପ ଲଗାଗଲା ଯାହାକି ନିରାଧାର ସାବ୍ୟସ୍ତ ହେଲା । ସେ ଜଗଦ୍‌ଗୁରୁ କୃପାଳୁ ପରିଷଦ ନାମରେ ଏକ ବିଖ୍ୟାତ ବୈଶ୍ୱିକ ହିନ୍ଦୁ ସଙ୍ଗଠନ ଗଠନ କରିଥିଲେ ।

## (୧୧) ସ୍ୱାମୀ ରାମସୁଖଦାସଙ୍କ ଉପରେ ଲଗାଇଲେ ଅନର୍ଗଳ ଆରୋପ

ସ୍ୱାମୀ ରାମସୁଖଦାସଙ୍କ ସମ୍ପୂର୍ଣ୍ଣ ଜୀବନ ଗୀତାମୟ ଥିଲା । ସମାଜରେ ସେ ଜ୍ଞାନ, ଭକ୍ତି ଓ ନିଷ୍କାମ କର୍ମଯୋଗର ତ୍ରିବେଣୀ ଧାରା ପ୍ରବାହିତ କରିଥିଲେ । ସାଧକ-ଭକ୍ତଗଣ ମଧ ତାଙ୍କଠାରୁ ପ୍ରେରଣା ପ୍ରାପ୍ତ କରୁଥିଲେ । ସ୍ୱାମୀ ରାମସୁଖଦାସଙ୍କ ଉପରେ ଷଡ଼ଯନ୍ତ୍ରକାରୀମାନେ ଅନେକ ଘୃଣ୍ୟ ଲଗାଇବାରୁ ସେହି ମହାପୁରୁଷ ଅନ୍ନ-ଜଳ ତ୍ୟାଗ କରିଦେଇଥିଲେ ଯାହା ଦେଖି ତାଙ୍କର ଅନୁଗାମୀ ଅତ୍ୟନ୍ତ ଦୁଃଖୀ ହେଲେ ତଥା ସେମାନେ ଏକ ଉପାୟ ବାହାରକଲେ ଯେ ଯିଏ ବି ତାଙ୍କ ସ୍ୱାମୀଜୀଙ୍କ ନିନ୍ଦା କଲା ତା ମୁହଁରେ ଛେପ ପକାଇଲେ ଓ ତାକୁ ଜୋତା ଶୁଙ୍ଘାଇଲେ । ନିନ୍ଦୁକମାନେ ଭୟଭୀତ ହୋଇ ନିନ୍ଦା କରିବା ବନ୍ଦ କରିଦେଲେ । ଭକ୍ତମାନେ ଏହିଭଳି ନିନ୍ଦୁକମାନଙ୍କୁ ଠିକଣା ଜବାବ ଦେଲେ । ସେହି ଗୁରୁଭକ୍ତମାନଙ୍କୁ ସାଧୁବାଦ ଯେଉଁମାନେ ନିଜ ସ୍ୱାମୀଜୀଙ୍କ ବିଷୟରେ କିଛି ବି ବାଜେକଥା ଶୁଣିବାକୁ ପସନ୍ଦ କଲେ ନାହିଁ ଏବଂ କୁପ୍ରଚାରକମାନଙ୍କୁ କଡ଼ା ଜବାବ ଦେଲେ ।



## (୧୨) ନିର୍ଦ୍ଦୋଷ ସ୍ୱାମୀ କେଶବାନନ୍ଦଙ୍କୁ ଜେଲ୍

ଦ୍ୱାରିକାର ପ୍ରସିଦ୍ଧ ସନ୍ଥ ସ୍ୱାମୀ କେଶବାନନ୍ଦଙ୍କ ଉପରେ ବଳାତ୍କାରର ମିଥ୍ୟା ଆରୋପ ଲଗାଯାଇଥିଲା । ଷଡ଼ଯନ୍ତ୍ରକାରୀ ରାଜନେତା ଓ ପୋଲିସ୍ ଅଧିକାରୀ ପରସ୍ପର ହାତ ମିଳାଇଥିଲେ । ସ୍ୱାମୀଜୀ ୧୨ ବର୍ଷ ଦଣ୍ଡରୁ ୭ ବର୍ଷ

ଜେଲ୍‌ରେ ବିତାଇଲେ । ସତ୍ୟ ପ୍ରକାଶ ପାଇବାରୁ ତାଙ୍କୁ ନିର୍ଦ୍ଦୋଷ ଘୋଷିତ କରାଗଲା । ଷଡ଼ଯନ୍ତ୍ରରେ ସାମିଲ୍ ପୋଲିସ୍ ଅଧିକାରୀକୁ ଚିତାବାଘ ମାରି ଖାଇଗଲା ।

## (୧୩) ସ୍ୱାମୀ ବିବେକାନନ୍ଦଙ୍କ ଉପରେ ଲଗାଇଥିଲେ ଘୃଣିତ ଆରୋପ

ସ୍ୱାମୀ ବିବେକାନନ୍ଦ ଆମେରିକାରେ ସନାତନ ଧର୍ମର ମହିମା ଗାନ କରି ଭାରତର ଗୌରବ ବୃଦ୍ଧି କରୁଥିବା ସମୟରେ ଈସାଇ ମିଶନାରୀଙ୍କ ପ୍ରରୋଚ଼ନାରେ ପଡ଼ି ସେଠାରେ କେତେକ ହିନ୍ଦୁ ହିଁ ତାଙ୍କର ନିନ୍ଦୁକ ତଥା କୁପ୍ରଚ଼ାରକମାନଙ୍କୁ ସହଯୋଗ କରିବା ଆରମ୍ଭ କରିଦେଲେ, ତନ୍ମଧ୍ୟରୁ ବୀରଚ଼ନ୍ଦ୍ର ଗାନ୍ଧୀ ଓ ପ୍ରତାପଚ଼ନ୍ଦ୍ର ମଜୁମଦାର ମୁଖ୍ୟ ଥିଲେ । ପ୍ରତାପଚ଼ନ୍ଦ୍ର ମଜୁମଦାର ଈସାଇ ମିଶନାରୀମାନଙ୍କର କାଠପିତୁଳା ହୋଇଗଲା । 'ସ୍ୱାମୀ ବିବେକାନନ୍ଦ ଜଣେ ବିଷୟଲମ୍ପଟ ସାଧୁ, ବିଳାସୀ ଯୁବକ ଓ ସର୍ବଦା ଯୁବତୀମାନଙ୍କ ଗହଣରେ ରହୁଥିବା ଚରିତ୍ରହୀନ ପୁରୁଷ'– ସେ ଆମେରିକାର ପ୍ରସିଦ୍ଧ ସମ୍ବାଦପତ୍ରମାନଙ୍କରେ ଏଭଳି ଲେଖିବାକୁ ଲାଗିଲା । ଏହି କୁପ୍ରଚ଼ାରକମାନେ ସ୍ୱାମୀ ବିବେକାନନ୍ଦ ତାଙ୍କ ଭକ୍ତର ଚାକରାଣୀର ଯୌନ–ଶୋଷଣ କରିଛନ୍ତି ବୋଲି ମନଗଢ଼ା କାହାଣୀ ମଧ୍ୟ ଛାପିଦେଲେ ।



ଯେଉଁ ଭବନରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରବଚ଼ନ ହେଉଥିଲା ତା' ସମ୍ମୁଖରେ ସେମାନେ ଏକ ଅର୍ଦ୍ଧନଗ୍ନ ଝିଅ ସହିତ ବିବେକାନନ୍ଦଙ୍କ ଫୋଟୋ ପୋଷ୍ଟର୍ ମଧ୍ୟ ଲଗାଇଦେଉଥିଲେ ତଥାପି ସ୍ୱାମୀ ବିବେକାନନ୍ଦଙ୍କ ଆମେରିକୀୟ ଭକ୍ତମାନଙ୍କର ଶ୍ରଦ୍ଧା ଦୋଳାୟମାନ କରିପାରିଲେ ନାହିଁ । ପ୍ରତାପଚ଼ନ୍ଦ୍ର ମଜୁମଦାର ଭାରତ ଆସି ତାଙ୍କର ଖୁବ୍ ନିନ୍ଦା କରିବାକୁ ଲାଗିଲା । ସ୍ୱାମୀ ବିବେକାନନ୍ଦଙ୍କ ଉପରେ ପ୍ରତାରକ ଓ ଅନେକ ମହିଳାଙ୍କ ଚରିତ୍ରଭଙ୍ଗ କରିଥିବାର ଆରୋପ ଲଗାଇଲା । 'ସ୍ୱାମୀ ବିବେକାନନ୍ଦ ଭାରତର ସନାତନ ଧର୍ମର କୌଣସି ମତର ସାଧୁ ହିଁ ନୁହନ୍ତି' ବୋଲି ମିଥ୍ୟା ଆରୋପ ଲଗାଇଥିଲା ।

## (୧୪) ବାବା ରାମରହୀମଙ୍କ ଉପରେ ଯୌନଶୋଷଣର ଭିତ୍ତିହୀନ ଆରୋପ

ସିରସା, ହରିୟାଣାର ଡେରା ସଚ୍ଚା ସୌଦାର ବାବା ଗୁରୁମୀତ ରାମରହୀମ ସିଂହ ସମାଜରେ ସତ୍‌ସଙ୍ଗ ଏବଂ ସେବାର ମହକ ବିସ୍ତାର କରୁଥିଲେ । ବାବାଙ୍କ ଉପରେ ୨୦୦୮ରେ ଯୌନ ଶୋଷଣର ଆରୋପ ଲଗାଇ କେସ୍ ଚଲାଇଲେ ଯାହାକି ନିରାଧାର ସାବ୍ୟସ୍ତ ହେଲା ।



## (୧୫) ସ୍ୱାମୀ ଅମୃତାନନ୍ଦଙ୍କ ମୁହଁରେ ଭରିଲେ ଗୋମାଂସ

ସ୍ୱାମୀ ଅମୃତାନନ୍ଦ ଦେବତୀର୍ଥ ଜାମ୍ମୁ–କାଶ୍ମୀରରେ ହିନ୍ଦୁମାନଙ୍କର ଉତ୍ପୀଡ଼ନ ଓ ପଳାୟନ ରୋକିବା, ବିସ୍ଥାପିତ ହିନ୍ଦୁମାନଙ୍କୁ ନ୍ୟାୟ ଓ ଅଧିକାର ଦେବା ତଥା



କାଶ୍ମୀରୀ ପଣ୍ଡିତମାନଙ୍କୁ ପୁନର୍ବାର ଉପତ୍ୟାକାକୁ ଫେରିଯିବାକୁ ପ୍ରେରିତ କରିବା କାର୍ଯ୍ୟରେ ସଂଲଗ୍ନ ଥିଲେ । ୨୦୦୮ରେ ତାଙ୍କ ଉପରେ ଆତଙ୍କବାଦୀର ମିଥ୍ୟା ଆରୋପ ଲଗାଇ ତାଙ୍କୁ ମୁମ୍ବାଇ ପୋଲିସ୍ ଜେଲ୍‌ରେ ଭର୍ତ୍ତି କରିଦେଲା । ମିଡ଼ିଆରେ ତାଙ୍କର ମିଥ୍ୟା ନାମ ଦୟାନନ୍ଦ ପାଣ୍ଡେୟ ପ୍ରଚାରିତ କରାଗଲା । ପୋଲିସ୍ ତାଙ୍କ ଗେରୁଆ ବସ୍ତ୍ର ନଷ୍ଟ କରି, ତାଙ୍କୁ ନଗ୍ନ ଓ ଓଦା କରି ବିଦ୍ୟୁତ୍ କରେଣ୍ଟ ଦେଲା । ତାଙ୍କର ଧାର୍ମିକ ପୁସ୍ତକଗୁଡ଼ିକୁ ପାଦରେ ଦଳି ନର୍ଦ୍ଦମାରେ ଫିଙ୍ଗିଦିଆଗଲା । ଅଚେତ ହେବା ପର୍ଯ୍ୟନ୍ତ ମାଡ଼ ଦିଆଗଲା । ମୁହଁରେ ଗୋମାଂସ ଭର୍ତ୍ତି କରାଗଲା । ପୋଲିସ୍ ଅପରାଧ ସ୍ୱୀକାର କରାଇବାକୁ ଜବରଦସ୍ତି ଚାପ ପକାଇଲା ଯେତେବେଳେ କି ସ୍ୱାମୀଜୀଙ୍କ ବିରୁଦ୍ଧରେ ମୁମ୍ବାଇ ପୋଲିସ୍ ନିକଟରେ କୌଣସି ପ୍ରମାଣ ନଥିଲା ତଥାପି ତାଙ୍କୁ ଜେଲ୍‌ରେ ଭର୍ତ୍ତି କରିଦିଆଗଲା ।

**(୧୬)** ୨୦୦୫ ଡିସେମ୍ବର ୪ ତାରିଖରେ **ଜଗଦ୍‌ଗୁରୁ ଶ୍ରୀ ନରେନ୍ଦ୍ରାଚାର୍ଯ୍ୟ ମହାରାଜ**ଙ୍କ ଧର୍ମଦଣ୍ଡ ଉଡ଼ାଜାହାଜରେ ନିଆଯିବା ଉପରେ ପ୍ରତିବନ୍ଧ ଲଗାଗଲା । ସେ ସମୟରେ ଏୟାର୍‌ପୋର୍ଟରେ ଏକତ୍ରିତ ହୋଇଥିବା ଭକ୍ତମାନଙ୍କୁ ବର୍ବରୋଚିତଭାବେ ମାଡ଼ ଦିଆଗଲା ।

**(୧୭)** ସନାତନ ସଂସ୍ଥା, ମହାରାଷ୍ଟ୍ରର ସଂସ୍ଥାପକ **ପୂଜ୍ୟ ଡା. ଜୟନ୍ତ ଆଠବଲେ** ଅସୁସ୍ଥତା କାରଣରୁ ୪ ବର୍ଷରୁ ଶଯ୍ୟାରେ ପଡ଼ିଛନ୍ତି । ଏହା ସତ୍ତ୍ୱେ ମଧ୍ୟ ତାଙ୍କ ଉପରେ ସମାଜକୁ ଭ୍ରମିତ କରାଇବାର ଆରୋପ ଲଗାଇ ୨୦୧୦ ଜାନୁୟାରୀ ୮ ତାରିଖରେ ପୋଲିସ୍ କେସ୍ କରାଗଲା ।

**(୧୮)** ମହାରାଷ୍ଟ୍ରର **ସନ୍ଥ ଈଶ୍ୱରବୁଓ୍ୱା ରାମଦାସୀ**ଙ୍କ ଉପରେ ଜଣେ ମଦ୍ୟପ ବ୍ୟକ୍ତି ଦ୍ୱାରା ଚରିତ୍ରହନନର ଆରୋପ ଲଗାଗଲା । ଜମି ବିବାଦ କାରଣକୁ ନେଇ ଜଣେ କଂଗ୍ରେସ ନେତା ସନ୍ଥଙ୍କ ବିରୁଦ୍ଧରେ ଅଭିଯୋଗ ଲେଖାଇବାକୁ ଜଣେ ମହିଳାକୁ ବାଧ୍ୟ କଲା ଏବଂ ୨୦୧୩ ଜୁନ୍‌ରେ ସନ୍ଥ ଈଶ୍ୱରବୁଓ୍ୱା ରାମଦାସୀଙ୍କୁ ମଧ୍ୟରାତ୍ରରେ ଗିରଫ କରାଗଲା ।

**(୧୯) ଆଚାର୍ଯ୍ୟ ସୁଧାଂଶୁ ମହାରାଜ**ଙ୍କ ଉପରେ ଅର୍ଥ ସମ୍ବନ୍ଧୀୟ ମିଥ୍ୟା ଆରୋପ ଲଗାଗଲା ।

**(୨୦) ସନ୍ଥ ନିଗମାନନ୍ଦଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରାଗଲା**

ସନ୍ଥ ନିଗମାନନ୍ଦ ଆନ୍ଦୋଳନ କରି ୨୦୧୧ ଫେବୃୟାରୀ ୧୯ ତାରିଖରୁ ଅନଶନରେ ଥିଲେ । ତାଙ୍କର ଦାବି ଥିଲା ଯେ ଗଙ୍ଗାନଦୀର ରକ୍ଷାର୍ଥେ କୁମ୍ଭ ଅଞ୍ଚଳକୁ ଖନନମୁକ୍ତ ରଖାଯାଉ । ୬୮ ଦିନ ପରେ ଅନଶନ କାରଣରୁ ସ୍ୱାମୀ ନିଗମାନନ୍ଦଙ୍କୁ ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଇ ତାଙ୍କୁ ବଳପୂର୍ବକ ଅନ୍ନ ଗ୍ରହଣ କରାଇଲେ । ଏପରି ଶୁଣାଯାଏ ଯେ ଖଣି ମାଫିଆର ଇସାରାରେ ଚିକିତ୍ସା ସମୟରେ ସନ୍ଥଙ୍କୁ ଜଣେ ନର୍ସ ଦ୍ୱାରା ବିଷ ଦେଇଦିଆଗଲା ।



**(୨୧)** କୋହ୍ଲାପୁର, ମହାରାଷ୍ଟ୍ରର **ସନ୍ଥ ସନ୍ତୋଷ ଉପାଖ୍ୟ ବାଳ ମହାରାଜ**ଙ୍କୁ ମିରଜ ଦଙ୍ଗା ଅବଧିରେ ପୋଲିସ୍ ଥାନାରେ ବନ୍ଦ କରିଦିଆଗଲା । ଲୋକତନ୍ତ୍ରର ବୈଧ ମାର୍ଗରେ ଆନ୍ଦୋଳନ କରିବା ସତ୍ତ୍ୱେ ୨୦୦୯ ସେପ୍ଟେମ୍ବର ୭ ତାରିଖରେ ତାଙ୍କ ଉପରେ ପୋଲିସ୍ ଅପରାଧର ଆରୋପ ଲଗାଇବାକୁ ଦୁଃସାହସ କଲା ।

**(୨୨)** ଆର୍ଟ ଅଫ୍ ଲିଭିଙ୍ଗ୍‌ର **ଶ୍ରୀ ଶ୍ରୀ ରବିଶଙ୍କର**ଙ୍କ ଉପରକୁ ବାଙ୍ଗାଲୋର (କର୍ଣ୍ଣାଟକ)ରେ ୨୦୧୦ ମଇରେ କୌଣସି ଅଜ୍ଞାତ ବ୍ୟକ୍ତି ଗୁଳିଚାଳନା କଲା ।

**(୨୩)** ଦକ୍ଷିଣ ଭାରତର **ମା' ଅମୃତାନନ୍ଦମୟୀ**ଙ୍କୁ ରେଡ୍ ଲାଇଟ୍ ଏରିଆ (ବେଶ୍ୟାଘର) ସହ ଜଡ଼ିତ କହି ତାଙ୍କର ନିର୍ମଳ ଭାବମୂର୍ତ୍ତିକୁ କଳଙ୍କିତ କରିବାକୁ ପ୍ରୟାସ କରାଯାଇଥିଲା ।

**(୨୪) ସ୍ୱାମୀ ପରିପୂର୍ଣ୍ଣାନନ୍ଦ** ମହାରାଜଙ୍କୁ କୁମ୍ଭ ମେଳାରେ ଅପହରଣ କରାଗଲା ଏବଂ ଆଜିପର୍ଯ୍ୟନ୍ତ ତାଙ୍କର କୌଣସି ଠିକଣା ମିଳି ନାହିଁ ।

**(୨୫)** ଗୁଜରାଟର **ସ୍ୱାମୀନାରାୟଣ** ସମ୍ପ୍ରଦାୟ ଦେଶ-ବିଦେଶର ଲୋକମାନଙ୍କୁ ସଂସ୍କାରିତ କରିବାର ମହାନ୍ କାର୍ଯ୍ୟ କରିଛି । ତାଙ୍କର ପ୍ରମୁଖ ସନ୍ଥମାନଙ୍କ ବିରୁଦ୍ଧରେ ୨୦୧୩ ଅକ୍ଟୋବରରେ ମିଥ୍ୟା ଚାରିତ୍ରିକ ଆରୋପ ଲଗାଯାଇଥିଲା ।

**(୨୬)** ପ୍ରଖ୍ୟାତ **ସତ୍ୟସାଇଁ ବାବା** ଅନେକ ଲୋକହିତକାରୀ ସେବାକାର୍ଯ୍ୟ ଚଳାଇଲେ । ଷଡ଼ଯନ୍ତ୍ରକାରୀମାନେ ୨୦୦୧ରେ ବାବାଙ୍କ ଉପରେ ଚରିତ୍ରହନନର ମନଗଢ଼ା ଆରୋପ ଲଗାଇଲେ ।

## (୨୭) ଦିଲ୍ଲୀରେ ଦେଶର ଲକ୍ଷ ଲକ୍ଷ ଗୌଭକ୍ତମାନଙ୍କ ଉପରେ ନିର୍ମମ ଗୁଳିବର୍ଷା

୧୯୬୬ ନଭେମ୍ବର ୭ ତାରିଖ, ଗୋପାଷ୍ଟମୀ ଦିନ ଦିଲ୍ଲୀରେ ଗୌହତ୍ୟା ବନ୍ଦ ଆଇନର ଦାବିକରି ୧୦-୧୨ ଲକ୍ଷ ଗୌ-ଭକ୍ତ ନର-ନାରୀ, ସାଧୁ-ସନ୍ଥ, ବାଳ, ବୃଦ୍ଧ ଆଦି ପ୍ରଦର୍ଶନ କଲେ ଯେଉଁମାନଙ୍କ ଉପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପ୍ରଦର୍ଶନ ବନ୍ଦ କରିବା ପାଇଁ ନିରସ୍ତ୍ର ଅହିଂସକ ଗୌ-ଭକ୍ତ, ପ୍ରଦର୍ଶନକାରୀମାନଙ୍କ ଉପରେ ଗୁଳି ଚାଳନା କରାଇଲା ଯେଉଁଥିରେ ଅନେକ ସାଧୁ ଓ ଗୌ-ଭକ୍ତମାନଙ୍କର ହତ୍ୟା ହେଲା । ବିଧିର ବିଧାନ ଦେଖନ୍ତୁ ଗୋପାଷ୍ଟମୀ ଦିନ ୧୯୮୪ ଅକ୍ଟୋବର ୩୧ ତାରିଖରେ ଇନ୍ଦିରା ଗାନ୍ଧୀଙ୍କୁ ଗୁଳିମାଡ଼ରେ ହତ୍ୟା କରାଗଲା । ଉଡ଼ାଜାହାଜ ଦୁର୍ଘଟଣାରେ ଅଷ୍ଟମୀ ଦିନ ସଞ୍ଜୟ ଗାନ୍ଧୀଙ୍କର ମଧ୍ୟ ମୃତ୍ୟୁ ହେଲା ଏବଂ ରାଜୀବ ଗାନ୍ଧୀଙ୍କୁ ୧୯୯୧ ମଇ ୨୧ ତାରିଖରେ କୋଏମ୍ବାଟୁରରେ ବମ୍ ଦ୍ୱାରା ଉଡ଼ାଇଦିଆଗଲା... ।

## (୨୮) ସନ୍ଥ ଆଶାରାମଜୀ ବାପୁ ଓ ନାରାୟଣ ସ୍ୱାମୀଙ୍କ ବିରୁଦ୍ଧରେ ମିଥ୍ୟା କେସ୍

ଆଧ୍ୟାତ୍ମିକ କ୍ରାନ୍ତିର ପ୍ରଣେତା ସନ୍ଥ ଆଶାରାମଜୀ ବାପୁ ସନାତନ ଧର୍ମର ସଜାଗ ପ୍ରହରୀ । ସେ ଚିକାଗୋ ଧର୍ମ ସଂସଦରେ ଆମ ଭାରତର ପ୍ରତିନିଧିତ୍ୱ କରିଥିଲେ । ମୁମ୍ବାଇରେ ସମସ୍ତ ୧୩ଟିଯାକ ଅଖାଡ଼ାର ସନ୍ଥମାନେ ମିଳିତ ହୋଇ ପୂଜ୍ୟଶ୍ରୀଙ୍କୁ ଧର୍ମରକ୍ଷା ମଞ୍ଚର ଅଧ୍ୟକ୍ଷ କରିଥିଲେ । ବାପୁଜୀ ସମାଜକୁ ଅନୈତିକତା ଆଡ଼କୁ ନେଇଯାଉଥିବା 'ଭେଲେଣ୍ଟାଇନ୍ ଡେ' ସ୍ଥାନରେ ସମ୍ପୂର୍ଣ୍ଣ ବିଶ୍ୱରେ 'ମାତୃ-ପିତୃ ପୂଜନ ଦିବସ' ପାଳନ କରିବା ଆରମ୍ଭ କରାଇଲେ । ନିର୍ଧନମାନଙ୍କ ପାଇଁ ଗୃହ ନିର୍ମାଣ କାର୍ଯ୍ୟ କରାଇଲେ । ସେ ନିରନ୍ତର ଅନ୍ନ-ବସ୍ତ୍ରାଦି



ଦ୍ୱାରା ବ୍ୟାପକ ସ୍ତରରେ ଗରିବମାନଙ୍କୁ ସାହାଯ୍ୟ କରିଆସିଛନ୍ତି । ଗୌ-ସମ୍ବର୍ଦ୍ଧନ ହେତୁ ଅନେକ ଗୌଶାଳା ନିର୍ମାଣ କରାଇଲେ । ସଂସ୍କାର ସମ୍ପଦକୁ ସୁରକ୍ଷିତ ରଖିବା ପାଇଁ ଅନେକ ଗୁରୁକୁଳର ସ୍ଥାପନା କଲେ । ୧୭,୦୦୦ରୁ ଅଧିକ ନିଃଶୁଳ୍କ 'ବାଳ ସଂସ୍କାର କେନ୍ଦ୍ର' ମଧ୍ୟ ପରିଚ଼ାଳିତ ହେଉଛି । ୧,୩୦୦ ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ସମାଜ ଉତ୍ଥାନମୂଳକ ବିବିଧ ସେବାକାର୍ଯ୍ୟରେ ସଂଲଗ୍ନ ଅଛନ୍ତି । ୪୦୦ରୁ ଅଧିକ ଆଶ୍ରମ ଅଛି । ବାପୁଜୀଙ୍କ ସାଧକମାନଙ୍କର ସଂଖ୍ୟା ୫ କୋଟିରୁ ମଧ୍ୟ ଅଧିକ ବୋଲି କୁହାଯାଏ । ବିଗତ ୫୦ ବର୍ଷରୁ ସେ କୋଟି କୋଟି ଲୋକଙ୍କୁ

ଜୀବନ ବଞ୍ଚିବାର ସମୁଚିତ ମାର୍ଗଦର୍ଶନ କରିଛନ୍ତି । ଅନେକ ଅନୁଗାମୀ ବିଶ୍ୱର କୋଣ-ଅନୁକୋଣରେ ବ୍ୟାପ୍ତ ଅଛନ୍ତି ଏବଂ ଭକ୍ତମାନଙ୍କର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇଚାଲିଛି । ହିନ୍ଦୁମାନଙ୍କୁ ଇସାଇ କରିବାକୁ ବିରୋଧ କରି ସେ ହିନ୍ଦୁମାନଙ୍କର ଧର୍ମ ପରିବର୍ତ୍ତନକୁ ଅବରୋଧ କଲେ ।

ସନ୍ଥ ଆଶାରାମଜୀ ବାପୁ ବିଗତ ଅନେକ ବର୍ଷରୁ ସୋନିଆ ସରକାର, ଇସାଇ ମିଶନାରୀ, ବହୁରାଷ୍ଟ୍ରୀୟ କମ୍ପାନୀ, ଲାଞ୍ଚଖୋର୍ ମିଡ଼ିଆ ଓ ଅସାମାଜିକ ତତ୍ତ୍ୱମାନଙ୍କର ଲକ୍ଷ୍ୟ କେନ୍ଦ୍ରରେ ଥିଲେ । ଭାଟିକାନ୍ ପୋପ୍ ଓ ସୋନିଆ-ରାହୁଲଙ୍କ ଇସାରାରେ କଂଗ୍ରେସ ନେତା ଓ ଓକିଲମାନେ ଶାହଜହାଁପୁର (ଉ.ପ୍ର.)ର ଝିଅ ଓ ତାର ପିତାଙ୍କୁ ପ୍ରସ୍ତୁତ କରି ତାଙ୍କ ଉପରେ ଯୌନ ଶୋଷଣର ମିଥ୍ୟା ଆରୋପ ଲଗାଇଲେ । ୭୫ ବର୍ଷୀୟ ନିର୍ଦ୍ଦୋଷ ସନ୍ଥଙ୍କୁ ୨୦୧୩ ଅଗଷ୍ଟ ୩୧ ତାରିଖ ଅର୍ଦ୍ଧରାତ୍ରରେ ପ୍ରତାରଣାପୂର୍ବକ ଗିରଫ କରାଗଲା । ତାପରେ ଯୋଧପୁର ଜେଲ୍‌ରେ ଭର୍ତ୍ତି କରାଗଲା । ଯୋଧପୁର ସହରରେ ବାପୁଜୀଙ୍କ ପ୍ରେମୀ ଭକ୍ତମାନଙ୍କର ପ୍ରବେଶ ଉପରେ ସରକାର ପ୍ରତିବନ୍ଧ ଲଗାଇଲା । ଆସୁଥିବା ଭକ୍ତମାନଙ୍କୁ ପୋଲିସ୍ ନିର୍ମମଭାବେ ମାଡ଼ ଦେଲା । ଜେଲ୍‌ରେ ବାପୁଜୀଙ୍କୁ ନାନା ପ୍ରକାର ହଇରାଣ ଓ ବ୍ୟଥିତ କରାଯାଉଛି । ତାଙ୍କୁ ଆବଶ୍ୟକୀୟ ଆୟୁର୍ବେଦୀୟ ଚିକିତ୍ସା ମଧ ଅନେକ ମାସରୁ ଉପଲବ୍ଧ କରାଯାଉ ନାହିଁ । ବାପୁଜୀଙ୍କ ବିଷୟରେ ମିଡ଼ିଆ ଅନେକ ମାସରୁ ନିରନ୍ତର ଘଣ୍ଟା ଘଣ୍ଟା ଧରି ମନଗଢ଼ା କାହାଣୀମାନ ପ୍ରଦର୍ଶିତ କରୁଛି ଓ ସମାଜକୁ ପଥଭ୍ରଷ୍ଟ କରିବାର ଅପରାଧ କରୁଛି । ସମାଜ ଉତ୍ଥାନରେ ରତ ବାପୁଜୀଙ୍କର ସୁପୁତ୍ର **ଶ୍ରୀ ନାରାୟଣ ସ୍ୱାମୀ**ଙ୍କୁ ମଧ ଏକ ମିଥ୍ୟା କେସ୍‌ରେ ଫସାଇ ସୂରତ ଜେଲ୍‌ରେ ରଖାଯାଇଛି । ବାପୁଜୀଙ୍କ ଆଶ୍ରମର ସଞ୍ଚାଳକ ଏବଂ ସାଧକମାନଙ୍କୁ ମିଥ୍ୟା କେସ୍‌ରେ ଫସାଯାଉଛି । ଜନ୍ତର-ମନ୍ତରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଭକ୍ତମାନଙ୍କ ଉପରେ ପୋଲିସ୍ ଅମାନବୀୟ ରୀତିରେ ଲାଠି ପ୍ରହାର କଲା । ପୁରୁଷ ପୋଲିସ୍ ମହିଳାମାନଙ୍କ ବସ୍ତ୍ର ଚିରିଦେଲେ । ପୋଲିସ୍ ଆଶ୍ରମରେ ରହୁଥିବା ଅନ୍ତେବାସୀମାନଙ୍କୁ ପ୍ରତାଡ଼ିତ କରୁଛି । ବାପୁଜୀଙ୍କ ଧର୍ମପତ୍ନୀ ଶ୍ରୀମତୀ ଲକ୍ଷ୍ମୀଦେବୀ ତଥା ତାଙ୍କ ସୁପୁତ୍ରୀ ଭାରତୀଦେବୀଙ୍କ ଉପରେ ମଧ ଘୃଣ୍ୟ ଆରୋପ ଲଗାଯାଇଛି । ଏ ସବୁ ଅନ୍ତର୍ରାଷ୍ଟ୍ରୀୟ ଷଡ଼ଯନ୍ତ୍ରର ଅନ୍ତର୍ଗତ ହେଉଛି ।



**(୨୯) ବାବା ଜୟଗୁରୁଦେବ ଜେଲ୍‌ରେ... ଭକ୍ତମାନେ କଲେ ଜେଲ୍ ଭର ଆନ୍ଦୋଳନ**

ମଥୁରାର ବାବା ଜୟଗୁରୁଦେବ ଧର୍ମ ପ୍ରଚାରରେ ନିରନ୍ତର ରତ ଥିଲେ ଏବଂ ସେ ସମାଜକୁ ଶାକାହାରୀ ହେବାକୁ ପ୍ରେରଣା ଦେଉଥିଲେ । ଇନ୍ଦିରା ସରକାର ୧୯୭୩-୭୪ରେ ନସବନ୍ଦୀ ଅଭିଯାନ ଚଲାଇଲା ଓ ଜନତାଙ୍କ ଉପରେ ଅନେକ ଅତ୍ୟାଚାର କରିବାରୁ ବାବା ସରକାର ବିରୁଦ୍ଧରେ ସ୍ୱରୋତ୍ତୋଳନ କଲେ । ୧୯୭୫ ଜୁନରୁ ୧୯୭୭ ମାର୍ଚ୍ଚ ପର୍ଯ୍ୟନ୍ତ ବାବାଙ୍କୁ ଇନ୍ଦିରା ଗାନ୍ଧୀ ସରକାର କୌଣସି କାରଣ ନଜଣାଇ ଅଲଗା-ଅଲଗା ୪ଟି ଜେଲ୍‌ରେ ରଖିଲା । ଜେଲ୍‌ରେ ତାଙ୍କୁ ହାତକଡ଼ା



ଏବଂ ବେଡ଼ି ସହିତ ଏକାନ୍ତରେ କଠୋର ଯାତନା ଦିଆଗଲା । ୨୦-୨୦ ଘଣ୍ଟା ପର୍ଯ୍ୟନ୍ତ କୋଠରୀରେ ତାଲା ପକାଇ ବନ୍ଦକରି ରଖୁଥିଲେ । କଞ୍ଚା ରୁଟି ଓ ଅଧାସିଝା ଡାଲି ଦେଉଥିଲେ । ଅସୁସ୍ଥ ହେଲେ ଔଷଧ ମଧ୍ୟ ଦେଉ ନଥିଲେ । ସେ ସମୟରେ ବାବାଙ୍କ ସଂସ୍ଥା 'ଜୟଗୁରୁଦେବ ଧର୍ମ ପ୍ରଚାରକ ସଂଘ' ଉପରେ ସରକାର ପ୍ରତିବନ୍ଧ ଲଗାଇଦେଲା ।

ତିହାର ଜେଲ୍‌ରେ ଉଚ୍ଚ ଅଧିକାରୀମାନେ ବାବାଙ୍କୁ କହିଲେ ଯେ ଆପଣ ନିର୍ବାଚନରେ କଂଗ୍ରେସକୁ ସମର୍ଥନ କରିଦିଅନ୍ତୁ, ତେବେ ଆପଣଙ୍କୁ କିଛି ଘଣ୍ଟାରେ ଛାଡ଼ିଦିଆଯିବ । ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସହିତ ସନ୍ଧି କରନ୍ତୁ, ତାଙ୍କର ପ୍ରଶଂସା କରିଦିଅନ୍ତୁ । ବାବା କହିଲେ ଯେ 'ମୁଁ ତ କୌଣସି ଅପରାଧ କରି ନାହିଁ ତେବେ ପୁଣି କେଉଁ ପ୍ରକାର ସନ୍ଧି କରିବି ?' ଇନ୍ଦିରାର ବର୍ବର ସରକାର ତାଙ୍କର ୧୪,୦୦୦ ପ୍ରେମୀ ଭକ୍ତଙ୍କୁ ଜେଲ୍‌ରେ ଭର୍ତ୍ତି କରିଦେଲା । ପରେ ପୋଲିସ୍ କର୍ମଚାରୀ ମାଡ଼ଦେଇ ଭକ୍ତମାନଙ୍କୁ ଜଙ୍ଗଲରେ ଛାଡ଼ିଆସୁଥିଲେ । ସେମାନେ ମାଡ଼ ଖାଇବା ପରେ ମଧ୍ୟ ସ୍ୱରୋତ୍ତୋଳନ କରୁଥିଲେ ଯେ ଆମ ବାବାଜୀଙ୍କୁ ଛାଡ଼ ନଚେତ୍ ଆମକୁ ମଧ୍ୟରେ ଜେଲ୍‌ରେ ରଖ । ଭକ୍ତମାନଙ୍କ ଦ୍ୱାରା କରାଯାଇଥିବା ଜେଲ୍ ଭର ଆନ୍ଦୋଳନ ପରେ ବାବା ଜୟଗୁରୁଦେବଙ୍କୁ ମୁକ୍ତ କରିଦିଆଗଲା ।

**(୩୦)** 'ଭକ୍ତି ନିକେତନ ଆଶ୍ରମ' ଆଣନ୍ଦ (ଗୁଜରାଟ)ର **ସଚ୍ଚିଦାନନ୍ଦ ମହାରାଜଙ୍କୁ** ହତ୍ୟା ଆରୋପରେ ପ୍ରତାଡ଼ିତ କରାଗଲା । ସାଢ଼େ ସାତ ବର୍ଷ ପରେ ନ୍ୟାୟାଳୟ ତାଙ୍କୁ ୨୦୧୪ ଜାନୁୟାରୀ ୩୦ରେ ନିର୍ଦ୍ଦୋଷରେ ମୁକ୍ତ କଲା ।

***



# ଜନତାଙ୍କ ସ୍ୱର

* କେତେକ ଶକ୍ତିଶାଳୀ ବ୍ୟକ୍ତି ଅଛନ୍ତି ଯେଉଁମାନେ ପରଦା ପଛରେ ରହି ହିନ୍ଦୁଧର୍ମ, ସାଧୁ-ସନ୍ନ୍ୟାସୀମାନଙ୍କୁ ଏବଂ ଧାର୍ମିକ ସ୍ଥଳଗୁଡ଼ିକୁ ବଦ୍‌ନାମ କରିବାରେ ଲାଗିଛନ୍ତି ।

**- ପି. ପରମେଶ୍ୱରନ୍ (ଅଧ୍ୟକ୍ଷ, ବିବେକାନନ୍ଦ କେନ୍ଦ୍ର, କନ୍ୟାକୁମାରୀ)**

* କଂଗ୍ରେସ ଉପରେ ଯେବେଠାରୁ ସୋନିଆ ଗାନ୍ଧୀର ନିୟନ୍ତ୍ରଣ ରହିଲା ସେବେଠାରୁ ହିନ୍ଦୁ ପ୍ରତୀକମାନଙ୍କ ଉପରେ ଆକ୍ରମଣ କରିବାରେ ସୋନିଆ କଂଗ୍ରେସ ଏବଂ ଚର୍ଚ୍ଚ ପରସ୍ପର ହାତ ମିଳାଇଦେଲେ । **- ଡା. କୁଳଦୀପ ଚନ୍ଦ୍ର ଅଗ୍ନିହୋତ୍ରୀ (ଭାରତ-ତିବ୍ବତ ସହଯୋଗୀ ମଞ୍ଚର ରାଷ୍ଟ୍ରୀୟ ସଂଯୋଜକ)**

* ରାଜନୈତିକ ଷଡ଼ଯନ୍ତ୍ରର ଅନ୍ତର୍ଗତ ହିନ୍ଦୁ ଆସ୍ଥା, ମାନବିନ୍ଦୁ ଓ ହିନ୍ଦୁ ସନ୍ଥମାନଙ୍କ ଉପରେ କୁଠାରାଘାତ କରାଯାଉଛି । ସରକାର ମଠ-ମନ୍ଦିର ଉପରେ ଅଧିକାର ଜମାଇବାକୁ ପ୍ରୟାସ କରୁଛି । **- ଶଙ୍କରାଚାର୍ଯ୍ୟ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ (ପୁରୀ)**

* ସୋନିଆ ଭାରତକୁ ଆସିବାଠାରୁ ଆମର ଧାର୍ମିକ, ସାଂସ୍କୃତିକ ଆସ୍ଥାକୁ ପାଦରେ ଦଳିବାରେ ଲାଗିଛି । **- ଅଶୋକ ସିଂହଲ (ସଂରକ୍ଷକ ବିଶ୍ୱ ହିନ୍ଦୁ ପରିଷଦ)**

* ଯଦି ସନ୍ଥମାନଙ୍କୁ ଜେଲ୍‌ରେ ଭର୍ତ୍ତିକରି ବଦ୍‌ନାମ କରିବାର ଷଡ଼ଯନ୍ତ୍ର ଚାଲୁ ରହେ ତେବେ ଭାରତର ଅସ୍ମିତା, ଭାରତର ସଂସ୍କୃତି ସୁରକ୍ଷିତ ରହିପାରିବ ନାହିଁ ।

**- ଶଙ୍କରାଚାର୍ଯ୍ୟ ଶ୍ରୀ ନରେନ୍ଦ୍ରାନନ୍ଦ ସରସ୍ୱତୀ (କାଶୀ ସୁମେରୁ ପୀଠ)**

* ଷଡ଼ଯନ୍ତ୍ରଗୁଡ଼ିକର ଏକମାତ୍ର ଉଦ୍ଦେଶ୍ୟ ହେଉଛି ହିନ୍ଦୁ ସମାଜର ଶ୍ରଦ୍ଧାର କେନ୍ଦ୍ର ଦୋହଲିଯାଉ । **- ଚମ୍ପତ ରାୟ (ମହାମନ୍ତ୍ରୀ ବିଶ୍ୱ ହିନ୍ଦୁ ପରିଷଦ)**

* ମିଥ୍ୟା ଆରୋପ ଓ କୁପ୍ରଚାର ମାଧ୍ୟମରେ ତୁମର ମାର୍ଗଦର୍ଶକ ଓ ସନ୍ଥମାନଙ୍କୁ ଯୋଜନାବଦ୍ଧ ରୀତିରେ ସମାପ୍ତ କରିଦିଆଯିବ । ଏଣୁ ସାବଧାନ !

**- ସୁବ୍ରମଣ୍ୟମ୍ ସ୍ୱାମୀ**

* ସାଧୁ-ସନ୍ଥ ଆମ ଜୀବନର ସମ୍ପତ୍ତି ଏବଂ ଆମ ସମସ୍ତଙ୍କୁ ମିଳିତ ହୋଇ ପ୍ରୟାସ କରିବାକୁ ହେବ ଯେପରି ଏହି ସମ୍ପତ୍ତିକୁ କେବେ କୌଣସି ଆଞ୍ଚ୍ ନ ଆସୁ । **- ସୁରେନ୍ଦ୍ର ପାଲ (ଦ୍ରୋଣାଚାର୍ଯ୍ୟ, 'ମହାଭାରତ' ଧାରାବାହିକ)**

* ଭାରତ ନିଜ ଧର୍ମରୁ ବିମୁଖ ହେବା ହିଁ ତା ପାଇଁ ସର୍ବାଧିକ ସଙ୍କଟ ହେବ । ଭାରତ ହିଁ ଭାରତକୁ ରକ୍ଷା କରିପାରିବ ତଥା ଭାରତ ଏବଂ ହିନ୍ଦୁ ଧର୍ମ ଏକରୂପ ଅଟନ୍ତି । ହିନ୍ଦୁ ଧର୍ମ ବିନା ଭାରତର କୌଣସି ଭବିଷ୍ୟତ ନାହିଁ । **- ଡା. ଆନିବେଶାନ୍ତ**

# ଈସାଇ ପାଦ୍ରୀମାନଙ୍କ ଦ୍ୱାରା ଯୌନ ଶୋଷଣର ସ୍ପର୍ଦ୍ଧା

ସୂଚ଼ନାଗତ ଅଧିକାର ଦ୍ୱାରା ପ୍ରାପ୍ତ ପରିସଂଖ୍ୟାନ ଅନୁସାରେ କେବଳ କେରଳରେ ୬୩ ଜଣ ପାଦ୍ରୀଙ୍କ ଉପରେ ବଳାତ୍କାର, ହତ୍ୟା, ଅବୈଧ କର ହାସଲ ଏବଂ ଅସ୍ତ୍ର ରଖିବା ଅଭିଯୋଗ ବିଭିନ୍ନ ଥାନାରେ ଦାଖଲ ହୋଇଛି ।

bishopaccountability.org କ୍ୟାଥୋଲିକ୍ ଲୋକମାନଙ୍କର ଏକ ଅନ୍‌ଲାଇନ୍ ସଂଗ୍ରହ ଅନୁସାରେ ଚର୍ଚ୍ଚମାନଙ୍କ ବିରୁଦ୍ଧରେ ୩,୦୦୦ରୁ ଅଧିକ ଅଭିଯୋଗ ଦାଖଲ କରାଯାଇଛି ଯେଉଁଥିରେ ଅନେକ ଲକ୍ଷ ଡଲାର କ୍ଷତିପୂରଣ ଦେଇ ଅନେକ କେସ୍‌ର ରଫାଦଫା କରାଗଲା ।୧୯୯୮ରେ ଡାଲାସର ରୋମାନ୍ କ୍ୟାଥୋଲିକ୍ ଡାଇଓସିଜ୍ ଦ୍ୱାରା ସେ ସମୟରେ ୩ କୋଟି ୯ଲକ୍ଷ କୋଟି ଡଲାର କେବଳ ଜଣେ ପାଦ୍ରୀ ଦ୍ୱାରା ଯୌନ ଶୋଷଣଗ୍ରସ୍ତ ୧୨ ଜଣଙ୍କୁ କ୍ଷତିପୂରଣ ରୂପେ ଦିଆଗଲା । ୨୦୦୩ରୁ ୨୦୦୯ ପର୍ଯ୍ୟନ୍ତ ଅନ୍ୟ ବଡ଼ ୩୭୫ଟି ମାମଲାର ରଫାଦଫା ପାଇଁ ୧୫୫୧ ଜଣ କ୍ଷତିଗ୍ରସ୍ତ(କାମବାସନାର ଶିକାର) ବ୍ୟକ୍ତିଙ୍କୁ ୧୧୦ କୋଟି ଡଲାର କ୍ଷତିପୂରଣ ଦିଆଗଲା । ୧୯୫୦ରୁ ୨୦୦୭ ପର୍ଯ୍ୟନ୍ତ ଯୌନ ଉତ୍ପୀଡ଼ନ କେସ୍‌ର ମୀମାଂସା ପାଇଁ ୨୦୦ କୋଟି ଡଲାରରୁ ଅଧିକ ଟଙ୍କା ଖର୍ଚ୍ଚ କରାଗଲା । ୨୦୧୨ ମସିହା ସୁଦ୍ଧା ଏ ସଂକ୍ରାନ୍ତରେ ପ୍ରାୟ ୩୦୦ କୋଟି ଡଲାରରୁ ମଧ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି ।

ପ୍ୟାରିସ୍ (ଫ୍ରାନ୍ସ)ରେ ଜଣେ ବେଶ୍ୟା ଏଥିପାଇଁ ପାଦ୍ରୀର ଲିଙ୍ଗ ଚୋବାଇ ପକାଇଲା କାରଣ ପାଦ୍ରୀ ପୂର୍ବ ନିର୍ଦ୍ଧାରିତ ଫିସ୍ ପୈଠ କରିନଥିଲା ଏବଂ ନିଜର ସାଥୀ ପାଦ୍ରୀମାନଙ୍କ ସହିତ ବେଶ୍ୟାଠାରୁ ବାରମ୍ବାର ଯୌନସୁଖ ନେଇଥିଲା । ୨୦୦୯ ମଇରେ ପ୍ରକାଶିତ 'ରାୟନ୍ ରିପୋର୍ଟ୍' ୯ ବର୍ଷର ଅଧ୍ୟୟନ ପରେ ଏହି ନିଷ୍କର୍ଷରେ ଉପନୀତ ହେଲା ଯେ ଈସାଇ ସଂସ୍ଥାଗୁଡ଼ିକରେ ଈସାଇ ନନ୍ ଓ ପାଦ୍ରୀମାନଙ୍କ ଦ୍ୱାରା ୩୦,୦୦୦ ପିଲାଙ୍କୁ ପ୍ରତାଡ଼ିତ ଓ ଶୋଷିତ କରାଗଲା । ପାଦ୍ରୀମାନଙ୍କ ଦ୍ୱାରା ହେଉଥିବା ଯୌନ-ଶୋଷଣ ଅପରାଧମାନଙ୍କରେ ଏବେ ପୋପ୍ ବେନେଡ଼ିକ୍ଟଙ୍କୁ କ୍ଷମାଯାଚ଼ନା କରିବାକୁ ପଡ଼ିଥିଲା ।

**ସନ୍ଦର୍ଭ :**

ପଥିକ ସନ୍ଦେଶ-ଜାନୁୟାରୀ ୨୦୧୪, ସୃଜନ କର୍ମ-ନଭେମ୍ବର ୨୦୧୩, ହିନ୍ଦୁ ଭଏସ୍-ଡିସେମ୍ବର ୨୦୧୩, ପାଞ୍ଚଜନ୍ୟ-୮ ଡିସେମ୍ବର ୨୦୧୩ ଓ ୧୨ ଜାନୁୟାରୀ ୨୦୧୪, ସନାତନ ପ୍ରଭାତ ଅକ୍ଟୋବର ୨୦୧୩, ଅଜାନ-ଅଯୋଧ୍ୟା ପ୍ରସାଦ ତ୍ରିପାଠୀ, ଦୈନିକ ଜାଗରଣ, ରାଜସ୍ଥାନ ପତ୍ରିକା ଇତ୍ୟାଦି ।

♦ http://derasachasauda.org/saint-gurmeet-ram-rahim-singh-ji-insan/
♦ http://jaigurudevworld.org/jaigurudevworld/Default.aspx
♦ http://www.chauthiduniya.com/2011/07/sant-nigamanand-ki-moot-par-rajneeti.html#sthash.qWh2kNAZ.dpuf ♦ http://rishiprasad.org
♦ http://rajasthanpatrika.patrika.com/news/penis-bitten-for-money-/1103652.html#
♦ http://www.deshbandhu.co.in/newsdetail/50213/2/170
♦ http://www.pravakta.com/what-shantikali-ji-maharaj-swami-laxmanananda-saraswati-swami-asimanand-turn-now ♦ http://krantikaari.blogspot.in/2013/12/blog-post.html

# ଭାରତକୁ ପୁନର୍ବାର ଗୋଲାମ ଏବଂ ହିନ୍ଦୁଧର୍ମକୁ ନଷ୍ଟ କରିବାର ଷଡ଼ଯନ୍ତ୍ର ।



ହିନ୍ଦୁମାନଙ୍କୁ ଜୀଅନ୍ତା ଜାଳିବା, ହତ୍ୟା କରିବା ଏବଂ ଝିଅ-ବୋହୂଙ୍କୁ ସର୍ବସାଧାରଣରେ ବଳାତ୍କାର, ଶିଶୁମାନଙ୍କୁ କଟାଡ଼ି ମାରିବା... ଯେଉଁଥିପାଇଁ କାଶ୍ମୀର ତଥା ପୂର୍ବୋତ୍ତର ରାଜ୍ୟମାନଙ୍କରୁ ଲକ୍ଷ-ଲକ୍ଷ ହିନ୍ଦୁ ପଳାୟନ କରିବାକୁ ବାଧ୍ୟ ହେଲେ ।

# ସଂସ୍କୃତିକୁ ନଷ୍ଟ କରିବାର ଷଡ଼ଯନ୍ତ୍ର ଏବଂ ଇସାଇୟତକୁ ପ୍ରୋତ୍ସାହନ



ଛଳ-କପଟ ଦ୍ୱାରା ଧର୍ମାନ୍ତରଣ | ମୁଦ୍ରାରେ କ୍ରସ ଚିହ୍ନ | ଗୋହତ୍ୟା ବୃଦ୍ଧି | ଭାରତମାତାର ନଗ୍ନଚିତ୍ର | ଓଁ ଉପରେ ପୋଲିସ୍‌ର ଜୋତା



# ସର୍ବେ ଭବନ୍ତୁ ସୁଖିନଃ ସନ୍ଥମାନଙ୍କର ଏହା ମନ୍ତ୍ର ।
# କୁଚକ୍ରୀମାନେ ସନ୍ଥଙ୍କ ଉପରେ ହିଁ କରିଥାନ୍ତି ଷଡ଼ଯନ୍ତ୍ର ।।

* ସନ୍ଥଙ୍କ ଉପରେ ଅତ୍ୟାଚାର ଓ ଷଡ଼ଯନ୍ତ୍ର କାହା ଇସାରାରେ ?

* ଇଲ୍ଲୁମିନାତୀ ସଂସ୍ଥା କ'ଣ ? ଏହା ହିନ୍ଦୁଧର୍ମକୁ କାହିଁକି ନଷ୍ଟ କରିବାକୁ ଚାହେଁ ?

* ସ୍ୱାମୀ ଲକ୍ଷ୍ମଣାନନ୍ଦ ଓ ସ୍ୱାମୀ ଶାନ୍ତିକାଲୀଜୀଙ୍କୁ କିଏ ଗୁଳିମାରି ହତ୍ୟା କରାଇଲେ ?

* ଶଙ୍କରାଚାର୍ଯ୍ୟ ଜୟେନ୍ଦ୍ର ସରସ୍ୱତୀ, ଆଚାର୍ଯ୍ୟ ବାଳକୃଷ୍ଣ, ବାବା ଜୟଗୁରୁଦେବ, ଚନ୍ଦ୍ରସ୍ୱାମୀ, ସ୍ୱାମୀ କେଶବାନନ୍ଦଙ୍କୁ ଜେଲ୍ କାହିଁକି ?

* ସ୍ୱାମୀ ଅମୃତାନନ୍ଦ ଓ ସ୍ୱାମୀ ଅସୀମାନନ୍ଦଙ୍କ ମୁହଁରେ ଗୋମାଂସ ପୂରାଇବାକୁ ଓ ଗୁପ୍ତାଙ୍ଗରେ କରେଣ୍ଟ ଲଗାଇବାକୁ କିଏ କହିଥିଲେ ?

* କୃପାଳୁଜୀ ମହାରାଜ, ସ୍ୱାମୀ ନିତ୍ୟାନନ୍ଦ, ସତ୍ୟସାଇଁ ବାବା, ବାବା ରାମରହୀମଙ୍କ ଉପରେ ଯୌନଶୋଷଣର ମିଥ୍ୟା ଓ କପୋଳକଳ୍ପିତ ଆରୋପ ଲଗାଇ କିଏ ପ୍ରତାଡ଼ିତ କରାଇଥିଲେ ?

* ସୁଧାଂଶୁଜୀ, ସନ୍ଥ ଈଶ୍ୱର ବାବା, ଡା. ଜୟନ୍ତ ଆଠବଲେ, ମାତା ଅମୃତାନନ୍ଦମୟୀ, ସ୍ୱାମୀ ନାରାୟଣ ସମ୍ପ୍ରଦାୟର ସନ୍ଥଙ୍କ ଉପରେ ମିଥ୍ୟା ଓ ମନୋଗଢ଼ା ଆରୋପ ଲଗାଇ ବଦ୍‌ନାମ କରାଯିବା ପଛରେ କାହାର ହାତ ?

* ସ୍ୱାମୀ ରାମଦେବଙ୍କୁ ଜୀବନରେ ମାରିଦେବା ପାଇଁ କିଏ ଷଡ଼ଯନ୍ତ୍ର କରୁଛି ?

* ନିର୍ଦ୍ଦୋଷ ସନ୍ଥ ଆଶାରାମଜୀ ବାପୁଙ୍କୁ ମିଥ୍ୟା କେସ୍‌ରେ ଫସାଇ ଜେଲ୍‌ରେ ପ୍ରତାଡ଼ିତ କରିବା ଏବଂ ତାଙ୍କ ଆଶ୍ରମଗୁଡ଼ିକୁ ଭଙ୍ଗାରୁଜା କରିବା କାହାର ଚକ୍ରାନ୍ତ ?

* ଉତ୍ତରାଖଣ୍ଡରେ ବିପର୍ଯ୍ୟୟ ଓ ହିନ୍ଦୁ ଧର୍ମସ୍ଥଳ, ଧାର୍ମିକ କାର୍ଯ୍ୟକ୍ରମମାନଙ୍କରେ ଗୁଜବ ପ୍ରଚାର କରାଇ ଧାଁ-ଦୌଡ଼ କରାଇ ହଜାର-ହଜାର ଲୋକଙ୍କର ପ୍ରାଣ କିଏ ନେଲା ?

* ଈସାଇ ପାଦ୍ରୀମାନଙ୍କର ଯୌନଶୋଷଣର ପ୍ରାଦୁର୍ଭାବ କିପରି ବଢ଼ିଚାଲିଛି ?

*ଦେଶର ଜନତାଙ୍କ ସର୍ବସମ୍ମତି... ଏହି ପୁସ୍ତକ ଜନହିତ ନିମନ୍ତେ ପ୍ରକାଶିତ । ଯେ କେହି ଏହାକୁ ଛପାଇ ବାଣ୍ଟି ପାରିବେ । ଦେଶର ଏହି ସେବାକାର୍ଯ୍ୟ ଯେ କେହି କରି ପାରିବେ, ସଚ୍ଚା ଦେଶଭକ୍ତ ଦେଶ ହିତ ନିମନ୍ତେ ଅବଶ୍ୟ କରିବ । ଏହା ଆମର ବିଶ୍ୱାସ ।*

All legal proceedings shall be subject to the jurisdiction of the courts in New Delhi.

**ସଂସ୍କୃତି ରକ୍ଷକ ସଂଘ**
ଆଧ୍ୟାତ୍ମିକ ଭାରତ ନିର୍ମାଣ
ମୁଖ୍ୟାଳୟ : ଶାସ୍ତ୍ରୀ ନଗର, ଦିଲ୍ଲୀ-୧୧୦୦୩୧. ଫୋନ୍ : ୦୧୧-୩୨୬୭୪୧୨୬.
info@srsinternational.org www.srsinternational.org